# ଭାରତ ସେବାଶ୍ରମ ସଂଘ

## ବ୍ୟକ୍ତି ଓ ଚରିତ୍ର ଗଠନର ସହଜ ଉପାୟ



ଯୁଗାଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ପ୍ରଣବାନନ୍ଦଜୀ ମହାରାଜ

ପ୍ରତିଷ୍ଠାତା

ଭାରତ ସେବାଶ୍ରମ ସଂଘ, ସର୍ଗଦ୍ୱାର, ପୁରୀ



ଭାରତ ସେବାଶ୍ରମ ସଙ୍ଘ ତରଫରୁ ବନ୍ୟା ବିପନ୍ନ ଅସହାୟ ଲୋକମାନଙ୍କୁ ସେବା ପ୍ରଦାନ



ଭାରତ ସେବାଶ୍ରମ ସଙ୍ଘ ତରଫରୁ ସ୍ୱାମୀ ସମାଧାନନ୍ଦଙ୍କ ଦ୍ୱାରା ଗରିବ ଲୋକମାନଙ୍କୁ କମ୍ବଳ ଓ ବସ୍ତ୍ର ବିତରଣ



ଭାରତ ସେବାଶ୍ରମ ସଙ୍ଘ ପ୍ରାଙ୍ଗଣରେ ଅସହାୟ ଗରିବ ଲୋକମାନଙ୍କୁ ଅନ୍ନଦାନ

# ଭାରତ ସେବାଶ୍ରମ ସଂଘ
# ଶତବର୍ଷ ଉପଲକ୍ଷେ

## AWARDEES

### BHUMIPUTRA SAMMAN



Padmashree Tulasi Munda (Social Work)



Ratikanta Mohapatra (Odishi Dance)



Padma Bhusan Ramakanta Ratha (Literature)



Saroj Kumar Behera (Art & Craft)



Kalpana Dash (Mountaineering)

# ଯୁଗାଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦ



ଇଂରାଜୀ ୧୯୨୩ ମସିହା ପବିତ୍ର ମାଘ ପୂର୍ଣିମାର ପୁଣ୍ୟ ଉତ୍ସବ ଶେଷରେ ବାଜିତପୁର ଗ୍ରାମର ମାଟିରେ ଦଳେ ତ୍ୟାଗବ୍ରତୀ ସଂନ୍ୟାସୀଙ୍କ ସହିତ ଗ୍ରାମର ବହୁ ବିଶିଷ୍ଟ ଜନ ସାଧାରଣ ଏକ ସ୍ମରଣୀୟ ସଭାରେ ସମ୍ମିଳିତ । ଯୁଗାଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦ ଯିଏକି ସେହି ସମୟରେ ଥିଲେ ବ୍ରହ୍ମଚାରୀ ବିନୋଦ ସେ ସ୍ୱୟଂ ଉପସ୍ଥିତ । ସମସ୍ତଙ୍କର ଇଛା ଓ ଆଲୋଚନା କ୍ରମରେ ପରିକଳ୍ପିତ ସେବା ପ୍ରତିଷ୍ଠାନର ନାମକରଣ କରାଗଲା- ''ଭାରତ ସେବାଶ୍ରମ ସଂଘ'' । ସଂଘ ପ୍ରତିଷ୍ଠା ହେବା ପରେ ସେ କହିଥିଲେ – “ମୋର ସଂଘ ହେବ ଦ୍ୱିତୀୟ ବୁଦ୍ଧଙ୍କର ସଂଘ । ମୁଁ ସମଗ୍ର ଦେଶ ଓ ଜାତିକୁ ବୁଦ୍ଧ, ଶଙ୍କର, ଚୈତନ୍ୟଙ୍କ ପରି ନୂତନ ଆଦର୍ଶ ଓ ତପୋଶକ୍ତିରେ ସଞ୍ଜୀଭୁତ କରିବାକୁ ଚାହେଁ ।” ଏହି ଜନକଲ୍ୟାଣ ପ୍ରତିଷ୍ଠାନର ପ୍ରାଣପୁରୁଷ ସ୍ୱାମୀ ପ୍ରଣବାନନ୍ଦ ଜନ୍ମଗ୍ରହଣ କରିଥିଲେ ୧୮୯୬ ମସିହା ଜାନୁୟାରୀ ମାସ ୨୯ ତାରିଖ, ବୁଧବାର ଦିନର ଶୁଭ ଗୋଧୂଳି ଲଗ୍ନରେ, ପବିତ୍ର ମାଘ ପୂର୍ଣିମାର ପୂଣ୍ୟ ତିଥରେ, ବର୍ତ୍ତମାନର ବାଂଲାଦେଶ ସ୍ଥିତ ଫରିଦପୁର ଜିଲ୍ଲା ଅନ୍ତର୍ଗତ ବାଜିତପୁର ଗ୍ରାମରେ । ପିତାଙ୍କ ନାମ – ବିଷ୍ଣୁ ଚରଣ ଭୂୟାଁ ଓ ମାତାଙ୍କ ନାମ ସାରଦା ଦେବୀ । ବୁଧବାରରେ ଜନ୍ମ ହୋଇଥିବାରୁ ପିଲାଟିର ଡାକନାମ ହେଲା 'ବୁଧାଇ ବା ବୁଧ । ଶିଶୁଟିର ଜନ୍ମ ହେବା ପରଠାରୁ ପାରିବାରିକ ଶାନ୍ତି ଫେରି ଆସିବାରୁ ଓ ସର୍ବତ୍ର ଜୟର ଲକ୍ଷଣ ଦେଖା ଯିବାରୁ କେତେକ 'ଜୟନାଥ' ବୋଲି ଡାକିବାକୁ ଲାଗିଲେ । ଅନ୍ନପ୍ରାସନ ସମୟରେ ନାମକରଣ କରାଗଲା 'ବିନୋଦ' । ଶୈଶବ କାଳରୁ ସେ 'ସାଧୁ' ବୋଲି ପରିଚିତ ଥିଲେ । ତାଙ୍କର ସଂଯମମୟ ଆଚାର ଆଚରଣ ପ୍ରତି ଆକୃଷ୍ଟ ହୋଇ ଜନସାଧାରଣ ତାଙ୍କୁ 'ସାଧୁ' ବୋଲି ଅଭିହିତ କରନ୍ତି । ଆଜି ବାଜିତପୁର ପ୍ରଣବମଠ ନିକଟବର୍ତ୍ତୀ ସରକାରୀ ରାସ୍ତାର ଗୋଟିଏ ବିଶିଷ୍ଟ ସେତୁ 'ସାଧୁର ବ୍ରିଜ୍' ନାମରେ ସୁପରିଚିତ । ପାକିସ୍ଥାନ ଅମଳରେ ନିର୍ମିତ ହୋଇଥିବା ଏହି ସେତୁଟିର ନାମକରଣ ଜନ ସାଧାରଣଙ୍କର ତାଙ୍କ ପ୍ରତି ଥିବା ସ୍ୱତଃସ୍ଫୁର୍ତ୍ତ ଶ୍ରଦ୍ଧା ବୋଲି ଜଣାପଡେ । ବାଲ୍ୟାବସ୍ଥାରୁ ତାଙ୍କର ସ୍ୱଭାବ ଥିଲା ସଂପୂର୍ଣ୍ଣ ସ୍ୱତନ୍ତ୍ର । ଧୀର, ସ୍ଥିର, ଗମ୍ଭୀର, ସ୍ୱଳ୍ପଭାଷୀ, ସ୍ୱଳ୍ପନିଦ୍ରା, ସ୍ୱଳ୍ପାହାରୀ, ଆତ୍ମସ୍ଥ, ଭାବସ୍ଥ, ଅନାସକ୍ତ, ନିର୍ଲିପ୍ତ । ତାଙ୍କର ଶରୀରରେ, ମନ-ଧ୍ୟାନ-ଆଚରଣରେ ଏକ ଯୋଗୀର ଲକ୍ଷଣ ପ୍ରସ୍ଫୁଟିତ ହେଉଥିଲା । ସେ ଥିଲେ କଠୋର ସଂଯମୀ ଓ ବ୍ରହ୍ମଚର୍ଯ୍ୟନିଷ୍ଠ, ଦେହରେ ଅଯୁତ ହସ୍ତୀର ବଳ । ମନରେ ଅମୀତ ତେଜଃ ଏବଂ ଆତ୍ମପ୍ରତ୍ୟୟ । ଅଧ୍ୟୟନ ଜୀବନରେ ସେ ଯୋଗନିଷ୍ଠ । ଅଧିକାଂଶ ସମୟ ସେ ଧ୍ୟାନ ଧାରଣା, ବୈରାଗଚିନ୍ତା ଓ ଆତ୍ମଚିନ୍ତାରେ ବୁଡି ରହୁଥିଲେ । ରାତି ରାତି ଅନିଦ୍ରା ରହି ଗ୍ରାମର ନିର୍ଜନ

ଶ୍ମଶାନରେ ଅତିବାହିତ କରୁଥିଲେ ଯୋଗ ସାଧନାରେ । ସେ କେବଳ ବ୍ୟକ୍ତିଗତ ମୁକ୍ତି ନିମିତ୍ତ ସାଧନା କରୁନଥିଲେ, ତାଙ୍କ ସାଧନା ଥିଲା ଜଗତର କଲ୍ୟାଣ ପାଇଁ, ଉନ୍ନତି ପାଇଁ । ବିପଦ ଆପଦ ସମୟରେ ମନୁଷ୍ୟର ସେବାରେ ସେ ଉପସ୍ଥିତ ହେଉଥିଲେ । ଛାତ୍ର ଜୀବନରେ ତାଙ୍କୁ କେନ୍ଦ୍ରକରି ବାଳକ, କିଶୋର ଓ ତରୁଣ ଗୋଷ୍ଠିର ଗୋଟିଏ ଦଳ ତାଙ୍କ ଉପଦେଶ ଓ ସାଧନା ନୀତିର ଆଦର୍ଶରେ ଗଢ଼ି ଉଠିଥିଲେ । ସେମାନଙ୍କୁ ସେ ବ୍ରହ୍ମଚର୍ଯ୍ୟ ଓ ଦେଶବାସୀଙ୍କ ସେବାରେ ଉଦ୍ବୁଦ୍ଧ କରୁଥିଲେ । ସେ କହୁଥିଲେ – 'ଯିଏ କେବଳ ନିଜର ସୁଖ ସୁବିଧା, ଆରାମ-ବିରାମ ନେଇ ବଞ୍ଚିଥାଏ, ସେ କି ମଣିଷ ! ଦେଶର ଦୁଃଖ-ଦୁର୍ଦ୍ଦଶା ଦେଖି ଯାହାର ପ୍ରାଣ କାନ୍ଦେନାହିଁ, ଜାତି ଓ ସମାଜର ବିପଦ-ଆପଦରେ ଯିଏ ବ୍ୟଥା ଅନୁଭବ କରେନାହିଁ, ସେ ତ ନିତ୍ୟନ୍ତ ଜଡ଼ପଦାର୍ଥ, ଗଛ-ପଥରଠାରୁ ତାହା ମଧ୍ୟରେ କି ପାର୍ଥକ୍ୟ ? ଏହିପରି ହଜାର-ହଜାର ଲୋକ ବଞ୍ଚିରହିଲେ ବି ଦେଶ ଓ ଜାତିର କ'ଣ ଯାଏ-ଆସେ ? ଯିଏ ମଣିଷ ତା'ର ହୃଦୟରେ ଅନ୍ୟର ପ୍ରତି ସହାନଭୁତି ରହିବା ଦରକାର । ଦେଶସେବା, ସମାଜ କଲ୍ୟାଣ ସବୁକିଛିର ମୂଳରେ ଏହି ହୃଦୟବତ୍ତା-ପରଦୁଃଖାନୁଭୁତି ।' ଆତ୍ମଜୀବନ ଗଠନ ସମ୍ବନ୍ଧରେ ସେ କହୁଥିଲେ – " ତ୍ୟାଗ ହିଁ ଜୀବନର ମୂଳମନ୍ତ୍ର । ସଂଯମ ହିଁ କଠୋର ତପସ୍ୟା ।" ତ୍ୟାଗ-ସଂଯମ-ସତ୍ୟ-ବ୍ରହ୍ମଚର୍ଯ୍ୟ ହିଁ ସାଧକ ଜୀବନର ମୂଳସ୍ତମ୍ଭ । ଏହି ସମୟର ଉକ୍ତ ଉପଦେଶାବଳୀ ' ଯୁଗାଚାର୍ଯ୍ୟ ସଙ୍ଗ ଓ ଉପଦେଶାମୃତ' ନାମକ ଗ୍ରନ୍ଥରେ ପ୍ରକାଶିତ ହୋଇଛି । ସେ ଥିଲେ ଆଚରଣ ସିଦ୍ଧ ଆଚାର୍ଯ୍ୟ । ନିଜର ଆଚରଣକୁ ହିଁ ଉପଦେଶ ମାଧ୍ୟମରେ ସମସ୍ତଙ୍କ ଆଗରେ ପରିପ୍ରକାଶ କରୁଥିଲେ । ସେ ମଧ୍ୟ ଥିଲେ ଜଣେ ଉପଯୁକ୍ତ ଲୋକଶିକ୍ଷକ – ଅତି ସାଧାରଣ ଉପକରଣ ବା ଉଦାହରଣ ସମ୍ମୁଖରେ ରଖି ସେ ଏପରିଭାବରେ ଶିକ୍ଷାଦାନ କରୁଥିଲେ ଯାହାଦ୍ବାରା ଶିକ୍ଷଣୀୟ ବିଷୟଟି ଅତି ସହଜରେ ପ୍ରତ୍ୟେକଙ୍କ ଅନ୍ତରରେ ବୋଧଗମ୍ୟ ହେଉଥିଲା, ଏହାହିଁ ଥିଲା ତାଙ୍କର ସ୍ଵାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ।  ସେ ୧୯୧୩ ମସିହାରେ ଦୀକ୍ଷାଗ୍ରହଣ କରିଥିଲେ – ଯୋଗୀରାଜ ବାବା ଗମ୍ଭୀରନାଥଜୀଙ୍କ ନିକଟରୁ । ୧୯୧୬ ମସିହା ପବିତ୍ର ମାଘ ପୂର୍ଣିମାର ଶୁଭ ତିଥିରେ ତାଙ୍କର ଯୋଗସିଦ୍ଧି ହୁଏ । ପୂର୍ଣ୍ଣ  ଭାଗବତୀ ମହାଶକ୍ତିର ଆବିର୍ଭାବ ଘଟିଲା ତାଙ୍କର ତପଃପୂତ ଦେବ-ଶରୀରରେ । ସମାଧି ଶେଷରେ ଶୁଭକ୍ଷଣରେ ତାଙ୍କ ଶ୍ରୀକଣ୍ଠରୁ ଘୋଷିତ ହେବାକୁ ଲାଗିଲା – 'ଏ ଯୁଗ ମହାଜାଗରଣର ଯୁଗ, ଏ ଯୁଗ ମହାମିଳନର ଯୁଗ, ଏ ଯୁଗ ମହାସମସମନ୍ବୟର ଯୁଗ, ଏ ଯୁଗ ମହାମୁକ୍ତିର ଯୁଗ।' ୧୯୨୪ ମସିହାରେ ପ୍ରୟାଗ-ଅର୍ଦ୍ଧକୁମ୍ଭମେଳାରେ ସ୍ଵାମୀ ଗୋବିନ୍ଦାନନ୍ଦ ଗିରିଙ୍କ ନିକଟରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ 'ସ୍ଵାମୀ ପ୍ରଣବାନନ୍ଦ' ନାମରେ ପରିଚିତ

ହେଲେ। ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସବୁ ମଣିଷଙ୍କ ଭିତରେ ମହାଜାଗରଣ, ମହାମିଳନ, ମହାସମନ୍ୱୟ ଓ ମହାମୁକ୍ତି ଆଣିବା ହିଁ ତାଙ୍କ ଜୀବନର ପରମଲକ୍ଷ୍ୟ ହେଲା ।

ଏହାପରେ ଆରମ୍ଭ ହେଲା 'ଭାରତ ସେବାଶ୍ରମ ସଂଘ' ମାଧ୍ୟମରେ ଲୋକମଙ୍ଗଳ-ଜନକଲ୍ୟାଣ ମହାଯଜ୍ଞ । ସେ ସ୍ୱୟଂ 'ସଂଘନେତା' ରୂପରେ ପରିଚିତ ହେଲେ । ସଂଘର ମୂଳ ଉଦ୍ଦେଶ୍ୟ ଧର୍ମ ଓ ଆଧ୍ୟାତ୍ମିକତା ଭିତ୍ତିରେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ରଗଠନ । ସେଥିପାଇଁ ଧର୍ମପ୍ରଚାର, ତୀର୍ଥସଂସ୍କାର, ଶିକ୍ଷାବିସ୍ତାର, ଜନସେବା, ଅନୁନ୍ନତୋନ୍ନୟନ, ଆଦିବାସୀ କଲ୍ୟାଣ ଏବଂ ସମାଜ ସଂସ୍କାର ଓ ସମାଜଗଠନ ମୂଳକ ନାନା ପ୍ରକାରର କାର୍ଯ୍ୟଧାରା ପ୍ରବର୍ତ୍ତିତ ହେଲା । ସଂଘ ଓ ସଂଘନେତାଙ୍କ ଉଦ୍ଦିଷ୍ଟ ଲକ୍ଷ୍ୟର ଧାରକ ଓ ବାହକ ରୂପରେ ଗଠିତ ହେଲେ ଦଳେ ସଂସାରବିରାଗୀ ଆଧ୍ୟାତ୍ମ ସୈନିକ । ଯେଉଁ ମାନଙ୍କର ଲକ୍ଷ୍ୟ ହେଲା ଆତ୍ମମୁକ୍ତି ଓ ବିଶ୍ୱକଲ୍ୟାଣ । ଏମାନେ ସଂଘସନ୍ତାନ ରୂପରେ ପରିଚିତ ହେଲେ । ଏହି ସମସ୍ତ ସଂଘସନ୍ତାନମାନଙ୍କର ସାଧନଜୀବନ ଓ କର୍ମଜୀବନ ଗଠନ ନିମିତ୍ତ ସେ ସର୍ବଦା ଆଦେଶ ଓ ଉପଦେଶ ଦେବାକୁ ଲାଗିଲେ । ବାଳକ, ଯୁବକ ଓ ଛାତ୍ର ସମାଜ ସହିତ ସମଗ୍ର ମାନବଜାତିର ଜୀବନଦର୍ଶନ ଓ ଜୀବନଚର୍ଯ୍ୟା ନିମିତ୍ତ ଯେଉଁ ମହା ଉପଦେଶବାଣୀ ତାଙ୍କ ଶ୍ରୀକଣ୍ଠରୁ ଉଦ୍ଗୀତ ହେବାକୁ ଲାଗିଲେ, ତାହା ୧୯୨୧ ମସିହାରୁ ଜନସମାଜ ମଧ୍ୟରେ ହେଣ୍ଡ୍ବିଲ୍ ଆକାରରେ ବହୁଳ ଭାବରେ ପ୍ରଚାରିତ ହେଲା । ଅନେକ ସମୟରେ ସେଗୁଡିକୁ ନିଜହସ୍ତରେ ତାଙ୍କର ଅନୁଗତ ଭକ୍ତ-ଶିଷ୍ୟ-ଆଗ୍ରହୀ ମଣିଷ ମାନଙ୍କୁ ବାଣ୍ଟିବାକୁ ଲାଗିଲେ । ପରେ ସେହି ବାଣୀ ଗୁଡିକର ନାମକରଣ କରାଗଲା 'ସଂଘବାଣୀ' ଓ 'ବ୍ରହ୍ମଚର୍ଯ୍ୟମ୍' ନାମରେ ।

ସ୍ୱାମୀ ପ୍ରଣବାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତ ବୋଶ୍ରମ ସଂଘ' ଅତି ଅଳ୍ପ ସମୟ ଭିତରେ ପ୍ରଭୁତ ଲୋକପ୍ରିୟତା ଅର୍ଜନ କରିବାକୁ ଲାଗିଲା । ତାଙ୍କ ଉଦ୍ଦେଶ୍ୟରେ ନାନା ବିଭାଗର କର୍ମ ସାଫଲ୍ୟ ତାଙ୍କର ଭାଗବତ ବ୍ୟକ୍ତିତ୍ୱର ବିଶ୍ୱରୂପଟି ଆମ୍ଭମାନଙ୍କ ସମ୍ମୁଖରେ ଉଦ୍ଘାଟିତ ହେଲା । ସେ ତାଙ୍କର ତପଶକ୍ତିର ପ୍ରୟୋଗ 'ବହୁଜନହିତାୟ ବହୁଜନସୁଖାୟ' ରୂପେ ଜନକଲ୍ୟାଣ ଦିଗରେ ନିୟୋଜିତ କଲେ ।

୧୯୪୧ ମସିହା ଜାନୁୟାରୀ ୮ ତାରିଖ ବୁଧବାର ରାତ୍ରି ଘ.୧୨-୪୫ମି. ସମୟରେ କୋଲକତାର ପ୍ରଧାନ କାର୍ଯ୍ୟାଳୟରେ ସେ ସମସ୍ତଙ୍କ ନିକଟରୁ ଚିରବିଦାୟ ନେଇ ମହାପରିନିର୍ବାଣ ଲାଭ କଲେ ।

# ଓଁ ଶ୍ରୀ ଶ୍ରୀ ସଂଘବାଣୀ

ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।
ଅପ୍ରମତ୍ତେନ ବେଦ୍ଧବ୍ୟଂ ଶରବତ୍ତନ୍ମୟୋ ଭବେତ୍ ॥ (ମୁଣ୍ଡକ - ୨/୨/୪)

## ଏ ଯୁଗର ଆକାଂକ୍ଷା କ'ଣ ?

## ମହାଜାଗରଣ, ମହାମିଳନ, ମହାସମନ୍ୱୟ, ମହାମୁକ୍ତି

**ଲକ୍ଷ୍ୟ କ'ଣ ?**
ମହାମୁକ୍ତି, ଆତ୍ମୋପଲବ୍ଧି ।

**ଧର୍ମ କ'ଣ ?**
ତ୍ୟାଗ, ସଂଯମ,
ସତ୍ୟ, ବ୍ରହ୍ମଚର୍ଯ୍ୟ ।

**ମହାମୃତ୍ୟୁ କ'ଣ ?**
ଆତ୍ମବିସ୍ମୃତି ।

**ପ୍ରକୃତ ଜୀବନ କ'ଣ ?**
ଆତ୍ମବୋଧ, ଆତ୍ମସ୍ମୃତି,
ଆତ୍ମାନୁଭୂତି ।

**ମହାପୁଣ୍ୟ କ'ଣ ?**
ବୀରତ୍ୱ, ପୁରୁଷତ୍ୱ, ମନୁଷ୍ୟତ୍ୱ,
ମୁମୁକ୍ଷୁତ୍ୱ ।

**ମହାପାପ କ'ଣ ?**
ଦୁର୍ବଳତା, ଭୀରୁତା, କାପୁରୁଷତା,
ସଂକୀର୍ଣ୍ଣତା, ସ୍ୱାର୍ଥପରତା ।

**ମହାଶକ୍ତି କ'ଣ ?**
ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ସହିଷ୍ଣୁତା ।

**ମହାସମ୍ବଳ କ'ଣ ?**
ଆତ୍ମବିଶ୍ୱାସ, ଆତ୍ମନିର୍ଭରତା,
ଆତ୍ମମର୍ଯ୍ୟାଦା ।

**ମହାଶତ୍ରୁ କିଏ ?**
ଆଳସ୍ୟ, ନିଦ୍ରା, ତନ୍ଦ୍ରା, ଜଡତା,
ରିପୁ ଓ ଇନ୍ଦ୍ରିୟଗଣ ।

**ପରମ ମିତ୍ର କିଏ ?**
ଉଦ୍ୟମ, ଉତ୍ସାହ, ଅଧ୍ୟବସାୟ ।

---

**ସଂଘବାଣୀ** : 'ସଂଘବାଣୀ ତୁମ୍ଭମାନଙ୍କ ସଂଘନେତାଙ୍କ ଉପଲବ୍ଧ କେତୋଟି ମହାନ୍ ସତ୍ୟ । ଜଣେ ଜଣେ ମହାପୁରୁଷ ବିଭିନ୍ନ ସମୟରେ ଆବିର୍ଭୂତ ହୋଇ ସାଧନା ଦ୍ୱାରା କେତେଗୁଡିଏ ସତ୍ୟକୁ ଉପଲବ୍ଧି କରି ଜଗତର କଲ୍ୟାଣ ନିମିତ୍ତ ତାହା ଜନସମାଜରେ ପ୍ରଚାର କରିଥା'ନ୍ତି । ଏହି ସଂଘବାଣୀ ମଧ୍ୟ ସେହିପରି ଜନସମାଜର କଲ୍ୟାଣ ପାଇଁ ପ୍ରଚାରିତ ହେଉଅଛି । ଏହା ଜାତିର ଯୁଗମନ୍ତ୍ର, ଜାଗରଣ ମନ୍ତ୍ର, ସମଗ୍ର ଦେଶବାସୀଙ୍କର ନିତ୍ୟ ପାଠ୍ୟ, ସଦା ଅନୁସରଣୀୟ ।'

– ଶ୍ରୀଶ୍ରୀ ସଂଘନେତା

**ପ୍ର : କେଉଁ ଉପାୟରେ ସର୍ବଦା ହୃଦୟରେ ଆତ୍ମସ୍ମୃତି ଜାଗରିତ ରଖାଯାଏ ?**

ଉ : ପ୍ରତି ମୁହୂର୍ତ୍ତରେ ଆତ୍ମଚିନ୍ତା, ଆତ୍ମବିଚାରଣା, ଆତ୍ମାନୁଶୀଳନ ଦ୍ୱାରା ।

**ପ୍ର : ଇନ୍ଦ୍ରିୟଗଣଙ୍କର ଉତ୍ତେଜନା ଓ ରିପୁର ଉତ୍ପୀଡନରୁ ଆତ୍ମରକ୍ଷାର ଉପାୟ କ'ଣ ?**

ଉ : ପ୍ରତ୍ୟହ ମୃତ୍ୟୁଚିନ୍ତା, ଦେହର ନଶ୍ୱରତା ଏବଂ ଜଗତର ଅବାସ୍ତବତା ସମ୍ବନ୍ଧରେ ଚିନ୍ତା ଦ୍ୱାରା ।

**ପ୍ର : କେଉଁ କେଉଁ ବିଷୟ ଅବଲମ୍ବନ କରି ମନୁଷ୍ୟ ଭିତରେ କାମନା ବାସନାର ଉଦୟ ହୁଏ ?**

ଉ : ସ୍ନେହ, ମାୟା, ମମତା, ଭଲ ପାଇବାକୁ ଅବଲମ୍ବନ କରି ।

**ପ୍ର : ମନୁଷ୍ୟର ମନ ଦୁର୍ବଳ ହୁଏ କାହିଁକି?**

ଉ : ଭୋଗବିଳାସର ଆକାଂକ୍ଷାରେ, ଇନ୍ଦ୍ରିୟସୁଖ ସମ୍ଭୋଗର ଇଚ୍ଛାରେ, ବିବେକ, ବିଚାର ଓ ବୈରାଗ୍ୟର ଅଭାବରେ ।

**ପ୍ର : କେଉଁ ଉପାୟରେ ମନ ସବଳ ଓ ପ୍ରାଣ ସତେଜ ହୁଏ ?**

ଉ : ପ୍ରତି ମୁହୂର୍ତ୍ତରେ ବିବେକ ବୁଦ୍ଧି ହୃଦୟରେ ଜାଗରିତ ରଖିଲେ । ବ୍ୟାସ, ବଶିଷ୍ଠ, ବାଲ୍ମୀକି, ଶୁକ, ସମୀକ, ଶଙ୍କରାଚାର୍ଯ୍ୟ, ଜନକ, ଯୁଧିଷ୍ଠିର, ରାମଚନ୍ଦ୍ର, କୃଷ୍ଣ, ଭୀଷ୍ମ, ଧନଞ୍ଜୟ, ଏକଲବ୍ୟ, ନଚିକେତା, ଶ୍ୱେତକେତୁ, ଶିବି, ଦଧୀଚି, ଦିଲୀପ, ଦାତାକର୍ଣ୍ଣ, ଜୀମୂତବାହନ, ହରିଶ୍ଚନ୍ଦ୍ରଙ୍କ ବଂଶଧର ଆମେ । ସେହିମାନଙ୍କ ପବିତ୍ର ଶୋଣିତ ସ୍ରୋତ ଆମ୍ଭମାନଙ୍କ ପ୍ରତି ଶିରା ପ୍ରଶିରାରେ ସଞ୍ଚାରିତ ଓ ପ୍ରବାହିତ । ଏହିଭଳି ଚିନ୍ତା ପୂର୍ବକ ଆତ୍ମଶକ୍ତି ଉପରେ ବିଶ୍ୱାସ ଆନୟନ ଦ୍ୱାରା ।

ଭାରତ ! ତୁମେ 'ବ୍ରହ୍ମୈବ ବ୍ରହ୍ମବିତ୍' ଋଷିଗଣଙ୍କର ଅଲୌକିକ ତପଃଶକ୍ତିର ଅପୂର୍ବ ମହିମାଘନ ଜୀବନ୍ତ ଆଦର୍ଶ । ଆଜି ବିଶ୍ୱସଭାରେ ତୁମ୍ଭର ଆହ୍ୱାନ ଆସିଅଛି, ବିଶ୍ୱମାନବ କଲ୍ୟାଣାର୍ଥେ ତୁମର ଆର୍ଯ୍ୟହୃଦୟ ଶୋଣିତ ଶକ୍ତିରେ ପରିପୁଷ୍ଟ ବୈଦିକ ଆଦର୍ଶକୁ ସାରା ବିଶ୍ୱରେ ବିତରଣ କରିବାକୁ ହେବ । ସମଗ୍ର ଜଗତ ଶାନ୍ତି ଓ ସାନ୍ତ୍ୱନାର ଆଶାରେ ତୁମକୁ ଚାହିଁ ଅଛନ୍ତି –ଅନୁଭବ କର ।

- ସ୍ୱାମୀ ପ୍ରଣବାନନ୍ଦଜୀ ମହାରାଜ

## ବ୍ରହ୍ମଚର୍ଯ୍ୟଂ ତପୋତ୍ତମମ୍

ବୀର୍ଯ୍ୟ ହିଁ ଜୀବନ, ବୀର୍ଯ୍ୟ ହିଁ ପ୍ରାଣ, ବୀର୍ଯ୍ୟ ହିଁ ମନୁଷ୍ୟର ସର୍ବସ୍ୱ । ବୀର୍ଯ୍ୟ ହିଁ ମନୁଷ୍ୟର ମନୁଷ୍ୟତ୍ୱ । ଏହି ବୀର୍ଯ୍ୟ ରକ୍ଷା କଲେହିଁ ମନୁଷ୍ୟ ଦେବତା ହୁଏ । ଏହି ବୀର୍ଯ୍ୟ ନଷ୍ଟ କରିଲେ ହିଁ ମନୁଷ୍ୟ ପଶୁତ୍ୱ ପ୍ରାପ୍ତ ହୁଏ ।

ବୀର୍ଯ୍ୟ ଧାରଣ ଓ ଇନ୍ଦ୍ରିୟ ସଂଯମ ମଧ୍ୟ ଦେଇ ଯେଉଁମାନେ ମନୁଷ୍ୟତ୍ୱର ସାଧନାରେ ବ୍ରତୀ, ସେମାନେ ମୋର ପ୍ରାଣାପେକ୍ଷା ପ୍ରିୟତର । ଦୂରରେ ବା ନିକଟରେ ଯେଉଁଠାରେ ରହନ୍ତୁ ନା କାହିଁକି, ମୋର ଶକ୍ତି ସେମାନଙ୍କୁ ରକ୍ଷା କବଚ ଭଳି ରକ୍ଷା କରିବ ।

## ସଂକଳ୍ପ ସାଧନା

ସଂକଳ୍ପରେ ଯେ ଦୃଢ଼, ପ୍ରତିଜ୍ଞାରେ ଯେ ଅବଚଳିତ, ଯାବତୀୟ ସିଦ୍ଧି ତା'ର କରତଳଗତ । ସଂକଳ୍ପ ଛାଡିବ ନାହିଁ, ପ୍ରତିଜ୍ଞା ଭାଙ୍ଗିବି ନାହିଁ – ଏହି ସାରନୀତି ଯାହାର ଧେୟ, ସେ ହିଁ ଏକମାତ୍ର ବିଶ୍ୱଜୟୀ ହୋଇପାରେ ।

## ସଂଗ୍ରାମ ହିଁ ଜୀବନ

ସାଧକ ଚାହେଁ ଶକ୍ତି । ସେହି ଶକ୍ତି ଲାଭ ହୁଏ ଭିତର ଓ ବାହାରର ସଂଗ୍ରାମ ଦ୍ୱାରା । ଯେଉଁଠି ସଂଗ୍ରାମ ନାହିଁ ସେଠି ସାଧନା ନାହିଁ । ସାଧକର ସଂଗ୍ରାମ ହିଁ ସହାୟ, ନାନାବିଧ ବିପଦାପଦ ହିଁ ପରମ ସମ୍ବଳ, ଆଉ ନାନା ପ୍ରକାର ଦୁଃଖ-ଦୈନ୍ୟ-ଦୁର୍ବିପାକ ହିଁ ସାଧକର ସାଥୀ । କୌଣସି ପ୍ରକାର ଭୟ ଭାବନା ତାହାର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରେ ନାହିଁ । ବୀର ସାଧକ କେବେ ଚାହେଁନା ନିରୋଳା ଓ ନିରାପଦ ଜୀବନ। ସର୍ବପ୍ରକାର ବିପଦସଙ୍କୁଳ ଓ କଣ୍ଟକାକୀର୍ଣ ପଥରେ ହିଁ ସେ ସର୍ବଦା ବିରାଜ ଓ ବିହାର କରିବାକୁ ଚାହେଁ ।

## ଗୁରୁମୁଖୀ ରହିବା ନିରାପଦ

ମନକୁ ସର୍ବଦା ଗୁରୁମୁଖୀ କରି ରଖିବା ହିଁ ଶିଷ୍ୟର ଏକମାତ୍ର ତପସ୍ୟା ଓ ଆରାଧନା । ନାନାବିଧ କାର୍ଯ୍ୟର ଭିତର ଦେଇ ଗତି କରିବା ସଙ୍ଗେ ସଙ୍ଗେ ବହିର୍ମୁଖୀ ମନକୁ ଗୁରୁମୁଖୀ କରି ରଖିପାରିଲେ, ବାହାରର କୌଣସି ଅଶୁଦ୍ଧ ପରିବେଶ ଶିଷ୍ୟକୁ କୌଣସି ପ୍ରକାରେ ସ୍ପର୍ଶ କରିପାରିବ ନାହିଁ । ଏହି ନିୟମ ସର୍ବଦା ମାନି ଚଳିଲେ ଶିଷ୍ୟ ଆଉ କେତେବେଳେ ମଧ୍ୟ କୌଣସି ପ୍ରକାରେ ବିପନ୍ନ ବା ବିପଦଗ୍ରସ୍ତ ହେବ ନାହିଁ ।

## ସଂଘଶକ୍ତିଃ କଳୌଯୁଗେ

ସଂଘ ସାଧନା ହିଁ ଏ ଯୁଗର ସାଧନା । ସଂହତି ହିଁ ଉନ୍ନତି ଓ ଅଭ୍ୟୁଦୟର ଉପାୟ ଓ ମହାଶକ୍ତି ଆବିର୍ଭାବର ମନ୍ତ୍ର ।

ହିନ୍ଦୁର ବିଦ୍ୟା ଅଛି, ବୁଦ୍ଧି ଅଛି, ଅର୍ଥ ଅଛି, ବ୍ୟକ୍ତିଗତ ଶକ୍ତି - ସାମର୍ଥ୍ୟ ମଧ୍ୟ ଯଥେଷ୍ଟ ଅଛି, କିନ୍ତୁ ନାହିଁ କେବଳ ସଂହତି ଶକ୍ତି । ଏହି ସଂହତି ଶକ୍ତିକୁ ଜାଗରିତ କରାଇଦେଲେ ହିନ୍ଦୁ ଜାତି ଅଜେୟ ହୋଇ ଠିଆହେବ ।

## ହିନ୍ଦୁ ମିଳନ ମନ୍ଦିର

ଗ୍ରାମେ ଗ୍ରାମେ, ସହରେ ସହରେ ଏପରି ଏକ ମିଳନ କ୍ଷେତ୍ର ଗଠନ କରିବାକୁ ହେବ ଯେଉଁଠି ଉନ୍ନତ-ଅନୁନ୍ନତ, ଶିକ୍ଷିତ-ଅଶିକ୍ଷିତ, ଧନୀ-ନିର୍ଦ୍ଧନ ସମସ୍ତ ହିନ୍ଦୁ ପରମ ପ୍ରୀତି ଭିତରେ ସମ୍ମିଳିତ ଓ ସଂଘବଦ୍ଧ ହୋଇ ହିନ୍ଦୁ ସମାଜର ସର୍ବାଙ୍ଗୀନ କଲ୍ୟାଣ ସାଧନ ନିମିତ୍ତ ଆତ୍ମନିୟୋଗ କରିପାରିବେ । ଆଜି ଏପରି ଏକ ମିଳନଭୂମି ଦରକାର ଯେଉଁଠି କି ହିନ୍ଦୁମାନେ ପରସ୍ପର ଭେଦଭାବ, ଦ୍ୱନ୍ଦ୍ୱ-ସଂଘର୍ଷ, ଅନୈକ୍ୟ-ପାର୍ଥକ୍ୟ ବିସ୍ମୃତ ହୋଇ ସ୍ୱୀୟ ଧର୍ମ-ମାନ-ଇଜ୍ଜତ-ସ୍ୱାର୍ଥ ଓ ଅଧିକାର ରକ୍ଷା କରିବାକୁ ଦୃଢ଼ ସଂକଳ୍ପ ଗ୍ରହଣ କରିବାକୁ ସକ୍ଷମ ହେବେ । ଏହି ଉଦ୍ଦେଶ୍ୟରେ ହିଁ ମୋର '"ହିନ୍ଦୁ ମିଳନ ମନ୍ଦିର'" ଆନ୍ଦୋଳନର ପ୍ରବର୍ତ୍ତନ ।

## ଶକ୍ତିର ସାଧନା

ହିନ୍ଦୁ ! ତୁମେ କି ଜାଣନା ଯେ, ତୁମେ ଶକ୍ତିର ପୂଜକ, ମହାଶକ୍ତିର ଉପାସକ ? ତୁମର ସେହି ଶକ୍ତିର ସାଧନା କେଉଁଠି ? ଶିବଙ୍କ ହାତରେ ତ୍ରିଶୂଳ ଦେଖି ତୁମେ କ'ଣ ଚିନ୍ତାକର ? ଶ୍ରୀକୃଷ୍ଣଙ୍କ ହାତରେ ସୁଦର୍ଶନ ଦେଖି ତୁମେ କ'ଣ ଭାବ ? କାଳୀଙ୍କ ହାତରେ ରକ୍ତାକ୍ତ ଖଡ୍ଗ ଓ ଦୁର୍ଗାଙ୍କ ହାତରେ ଦଶପ୍ରହରଣ ଦେଖି ତୁମେ କି ଶିକ୍ଷା ଲାଭକର ? ଏହି ମହାଶକ୍ତିର ସାଧନା କରି ମନୁଷ୍ୟ କେବେ ଦୁର୍ବଳ ହୋଇପାରେ କି ? ଥରେ ମାତ୍ର ଧୀରସ୍ଥିର ହୋଇ ଚିନ୍ତାକର ।

## ହିନ୍ଦୁ ରକ୍ଷୀ ଦଳ

ଆତ୍ମ ରକ୍ଷାରେ ଉଦାସୀନ ଓ କ୍ଳୀବ ହିନ୍ଦୁ ଜାତିକୁ ସ୍ୱଧର୍ମ, ସ୍ୱସମାଜ, ସ୍ୱୀୟ ମନ୍ଦିର, ବିଗ୍ରହ, ନାରୀ, ସ୍ୱୀୟ ସଂସ୍କୃତି ଓ ମର୍ଯ୍ୟାଦା ରକ୍ଷାର୍ଥେ ଉଦ୍ୟୋଗୀ ଓ କ୍ଷାତ୍ରବୀର୍ଯ୍ୟେ ଉଦ୍‌ବୁଦ୍ଧ ଏବଂ ବୀରତ୍ୱମୂଳକ ଆଦର୍ଶର ସାଧନାରେ ବ୍ରତୀ କରିବା ହିଁ ହିନ୍ଦୁରକ୍ଷୀ ଦଳର ଉଦ୍ଦେଶ୍ୟ।

> କଠୋର ତପଃସାଧନ ଦ୍ୱାରା ଏହି ଶରୀରରେ, ଏହି ଜୀବଦ୍ଦଶାରେ ଯେଉଁ ମହାଶକ୍ତିର ସ୍ଫୁରଣ ଘଟିଅଛି, ସେହି ମହାଶକ୍ତି ସମଗ୍ର ଜାତିର ମହାମୁକ୍ତି ଆନୟନରେ ସମର୍ଥ । ଯାଅ, ତୁମ୍ଭେମାନେ ଘରେ ଘରେ ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କୁ ଏହି ମହାଶକ୍ତିର ସଂସ୍ପର୍ଶରେ ଆନୟନ କର ।
>
> **- ଶ୍ରୀ ଶ୍ରୀ ସଂଘନେତା**

# ଓଁ ବ୍ରହ୍ମଚର୍ଯ୍ୟମ୍

## 'ବୀର୍ଯ୍ୟ ଧାରଣଂ ବ୍ରହ୍ମଚର୍ଯ୍ୟମ୍'

### : ଶାରୀରିକ :

୧) କାୟମନୋବାକ୍ୟରେ ବୀର୍ଯ୍ୟ ଧାରଣ କରିବ ।

୨) ଅନୁତ୍ତେଜକ ଲଘୁପାକ ଦ୍ରବ୍ୟ ପରିମିତ ରୂପେ ଆହାର କରିବ । ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ଅନ୍ୟାନ୍ୟ ବିଶିଷ୍ଟ ପର୍ବପର୍ବାଣୀ ମାନଙ୍କରେ ଉପବାସ କରିବ ।

୩) ବିବାସ ଦ୍ରବ୍ୟ ପରିତ୍ୟାଗ କରିବ ।

୪) ସର୍ବଦା କୌପୀନ ପରିଧାନ କରିବ ।

୫) ଅନ୍ୟ ଲୋକର ବ୍ୟବହୃତ ବସ୍ତ୍ର ଓ ଉଚ୍ଛିଷ୍ଟ ଆହାର୍ଯ୍ୟ ଦ୍ରବ୍ୟ କେବେହେଲେ ଖାଇବ ନାହିଁ ।

୬) ଦିନରେ ଦୁଇଥର ନିୟମିତ ବ୍ୟାୟାମ କରିବ ।

୭) ଏକାକୀ ଶୟନ କରିବ ।

୮) ପାଞ୍ଚ ଘଣ୍ଟାରୁ ଅଧିକ ସମୟ ଶୋଇବ ନାହିଁ ।

୯) ଦିବାନିଦ୍ରା ବ୍ରହ୍ମଚର୍ଯ୍ୟର ବିରୋଧି ଓ ପାପ ବୋଲି ଜାଣିବ ।

୧୦) ବିନା କାରଣରେ କାହାରିକୁ ସ୍ପର୍ଶ କରିବ ନାହିଁ ।

୧୧) ବିନା ପ୍ରୟୋଜନରେ କଥା କହିବ ନାହିଁ ।

୧୨) ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ବ୍ୟାପୃତ ରହିବ ।

## ବ୍ରହ୍ମଚର୍ଯ୍ୟ ପ୍ରତିଷ୍ଠାୟାଂ ବୀର୍ଯ୍ୟଲାଭଃ

### : ମାନସିକ :

୧) ମନକୁ ସର୍ବଦା ସଚ୍ଚିନ୍ତା, ସଦ୍ଭାବନା, ସତ୍ସଙ୍କଳ୍ପ, ସଦ୍ଗ୍ରନ୍ଥ ଅଧ୍ୟୟନ, ଭଗବାନଙ୍କର ନାମଜପ, ରୂପଧ୍ୟାନ, ପ୍ରାର୍ଥନା ଓ ସ୍ତବ ସ୍ତୁତିପାଠ ଇତ୍ୟାଦି ଦ୍ୱାରା ବ୍ୟାପୃତ ରଖିବ ।

୨) କେତେବେଳେ ମନରେ କୁଚିନ୍ତା ଆସିଲେ ଇଷ୍ଟ ଦେବତାଙ୍କର ନାମ ଜପ କରି ପ୍ରାୟଶ୍ଚିତ କରିବ ଏବଂ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବ ।

୩) ଶୋଇବାର ଅବ୍ୟବହିତ ପୂର୍ବରୁ ଅନ୍ୟ ଯାବତୀୟ ଚିନ୍ତା ପରିତ୍ୟାଗ କରି ନାମ, ଜପ, ପ୍ରାର୍ଥନା ଓ ଧ୍ୟାନ କରିବ ।

୪) ପ୍ରତ୍ୟହ ଆତ୍ମପରୀକ୍ଷା କରିବ ଓ ନିୟମିତ ଡାଏରି ଲେଖିବ ।

୫) ପ୍ରତ୍ୟହ ଗୀତାଦି ଧର୍ମଗ୍ରନ୍ଥ ପାଠ କରିବ ଏବଂ ଅନ୍ତତଃ ଗୋଟିଏ କରି ଶ୍ଳୋକ ମୁଖସ୍ଥ କରିବ ।

୬) ପ୍ରତ୍ୟହ ଅନ୍ତତଃ ଦୁଇଘଣ୍ଟା ଜପ, ଧ୍ୟାନ ଓ ଉପାସନା କରିବ ।

ବ୍ରହ୍ମଚର୍ଯ୍ୟ ପାଳନ ସମ୍ବନ୍ଧରେ ବିସ୍ତାରିତ ଉପଦେଶ ସଂଘ ପ୍ରକାଶିତ **'ବ୍ରହ୍ମଚର୍ଯ୍ୟମ୍'** ପୁସ୍ତକରୁ ପାଇପାରିବେ ।

ଉପରୋକ୍ତ ଉପଦେଶଗୁଡିକ ଯେ ଯେଉଁ ପରିମାଣରେ ପାଳନ କରି ପାରିବେ, ସେ ସେହିପରି ଫଳଲାଭ କରିବେ ।

## - ବୀର୍ଯ୍ୟ ଧାରଣର ତାତ୍ପର୍ଯ୍ୟ -

ବୀର୍ଯ୍ୟଧାରଣରେ ସ୍ୱାସ୍ଥ୍ୟ ଅକ୍ଷୁର୍ଣ୍ଣ ରହେ, ଶରୀର ନିରୋଗ ଓ ଶୀତତାପ ସହିଷ୍ଣୁ ହୁଏ, ଶରୀରରେ ଲାବଣ୍ୟ, ମୁଖମଣ୍ଡଳରେ କମନୀୟତା, କଣ୍ଠସ୍ୱରରେ ମାଧୁର୍ଯ୍ୟ ବିକଶିତ ହୁଏ । ଧୃତବୀର୍ଯ୍ୟ ବ୍ୟକ୍ତିର ବାକ୍ୟ ସୁଚିନ୍ତିତ, କାର୍ଯ୍ୟ ସୁଶୃଙ୍ଖଳ, ଆଚରଣ ଶିଷ୍ଟ ଓ ପ୍ରୀତିପ୍ରଦ, ଗମନ ସ୍ୱଚ୍ଛଳ, ଅନ୍ତଃକରଣ ନିର୍ଭୀକ । ଧୃତବୀର୍ଯ୍ୟ ବ୍ୟକ୍ତି ଅନଳସ, ଅକପଟ, ଚରିତ୍ରବାନ, ସତ୍ୟପରାୟଣ, ମିତାଚାରୀ, ମିତଭାଷୀ, ଲୋକହିତକାରୀ । ଧୃତବୀର୍ଯ୍ୟ ବ୍ୟକ୍ତିର ଦୃଷ୍ଟି ମଧୁମୟ, ହାସ୍ୟ ମଧୁମୟ, ବାକ୍ୟ ମଧୁମୟ । ବୀର୍ଯ୍ୟଧାରୀ ବ୍ୟକ୍ତିର ପ୍ରାଣ-ମନ ନିତ୍ୟ ତୃପ୍ତି ଓ ଆନନ୍ଦ, ଶାନ୍ତି ଓ ସୁଖ, ଆଶା ଓ ଉତ୍ସାହରେ ଭରିଉଠେ ।

ଯା'ର ଶରୀରରେ ବୀର୍ଯ୍ୟ ଅବିଚଳିତ ଓ ସୁରକ୍ଷିତ, ସେହି ବୀର୍ଯ୍ୟ ତା'ର ମାଂସପେଶୀକୁ ଲୌହସଦୃଶ ଶକ୍ତ କରେ, ତା'ର ଦେହର ସ୍ନାୟୁମଣ୍ଡଳକୁ ଇସ୍ପାତପରି ସୁକଠିନ କରେ । ଏହି ବୀର୍ଯ୍ୟ ମସ୍ତିଷ୍କକୁ ସଞ୍ଚାରିତ ହୋଇ ମସ୍ତିଷ୍କର ଅତି ସୂକ୍ଷ୍ମ କୋଷ ସମୂହକୁ ପରିପୁଷ୍ଟ କରେ, ବୀର୍ଯ୍ୟର ସୂକ୍ଷ୍ମ ଅଂଶ ଦ୍ୱାରା ମନ ତିଆରି କରେ । ସୁତରାଂ, ବୀର୍ଯ୍ୟଧାରଣ ଦ୍ୱାରା ମେଧା, ପ୍ରତିଭା, ସ୍ମୃତିଶକ୍ତି ଏବଂ ମାନସିକ ଶକ୍ତି ଅସୀମ ରୂପେ ବର୍ଦ୍ଧିତ ଓ ପ୍ରସାରିତ ହୋଇଥାଏ ।

## ଶ୍ରୀ ଶ୍ରୀ ଗୁରୁପ୍ରଣାମ - ମନ୍ତ୍ର

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ମନ୍ତ୍ରଃ ସତ୍ୟଂ ପୂଜା ସତ୍ୟଂ ସତ୍ୟଂ ଦେବୋ ନିରଞ୍ଜନ ।
ଗୁରୋର୍ବାକ୍ୟଂ ସଦା ସତ୍ୟଂ ସତ୍ୟମେବ ପରଂ ପଦମ୍ ॥
ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥
ପିତୃମାତୃ-ସୁହୃଦ୍ବନ୍ଧୁ-ବିଦ୍ୟାତୀର୍ଥାନି ଦେବତା ।
ନ ତୁଲ୍ୟଂ ଗୁରୁଣା ଶୀଘ୍ରଂ ସ୍ପର୍ଶୟେତ୍ ପରମଂ ପଦମ୍ ॥
ଗୁରୁବ୍ରହ୍ମା ଗୁରୁବିଷ୍ଣୁ, ଗୁରୁର୍ଦ୍ଦେବୋ ମହେଶ୍ୱରଃ ।

ଗୁରୁଦେବ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ||
ଧାନମୂଳଂ ଗୁରୋର୍ମୂର୍ତ୍ତିଃ  ପୂଜାମୂଳଂ ଗୁରୋଃପଦମ୍ ।
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋଃ କୃପା ॥
ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିମ୍ !
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟମ୍ !!
ଏକଂ ନିତ୍ୟଂ ବିମଳମଚଳଂ ସର୍ବଦା ସାକ୍ଷିଭୂତମ୍ ।
ଭାବାତୀତଂ ତ୍ରିଗୁଣରହିତଂ ସଦ୍ଗୁରୁଂ ତଂ ନମାମି ॥

ତ୍ୱମେବ ମାତା ଚ ପିତା ତ୍ୱମେବ ।
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ॥
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ ।
ତ୍ୱମେବ ସର୍ବଂ ମମ ଦେବଦେବ॥

## ଓଁ ନମଃ ଶ୍ରୀଭଗବତେ ପ୍ରଣବାୟ

ଓଁ-କାରମୂର୍ତ୍ତୟେ ସାକ୍ଷାତ୍ ପରବ୍ରହ୍ମ-ସ୍ୱରୂପିଣେ ।
ନ-ମସ୍ତେ ଶ୍ରୀଭଗବତେ ପ୍ରଣବାୟ ପରାତ୍ମନେ ॥
ମ-ହାମୁକ୍ତି-ବିଧାତ୍ରେ ବୈ ଜ୍ଞାନ-ଭକ୍ତି-ପ୍ରଦାୟିନେ ।
ଶ୍ରୀ-ଗୁରବେ ନମୋ ନିତ୍ୟଂ ଶୁଦ୍ଧ ସତ୍ତ୍ୱଶରୀରିଣେ ।
ଭ-ବବନ୍ଧଚ୍ଛେଦନଞ୍ଚ ନମାମି ସର୍ବସାକ୍ଷିଣମ୍ ।
ଗ-ହ୍ୱରେଷ୍ଠଂ ଗୁହାତୀତଂ ପୁରୁଷଂ ଗହନାତ୍ମକମ୍ ॥
ବ-ନ୍ଦିତାଖିଳମର୍ତ୍ତ୍ୟାୟ ପୂଜିତାଽଶେଷଭକ୍ତୟେ ।
ତେ-ଜୋଦୀପ୍ତପ୍ରକାଶାୟ ନମସ୍ତେ ସର୍ବଶକ୍ତୟେ ॥
ପ୍ର-ସନ୍ନବଦନଂ ଦେବଂ ସର୍ବକଲ୍ୟାଣ କାରଣମ୍ ।
ନ-ମାମି ସୁଶ୍ୟାମଳାଙ୍ଗ ମଧୁରଂ ସୁମନୋହରମ୍ ॥
ବା-ମକରଧୃତଦଣ୍ଡାୟ ନମସ୍ତ୍ରିଶୂଳପାଣୟେ ।
ୟ-ମିତାଘଦୂରିତାୟ ପ୍ରଣବାନନ୍ଦାୟ ତେ ନମଃ ॥

ଓଁ ଭାବାତୀତଂ ଯତ୍ତୁ ମହାଭାବଯୁକ୍ତମ୍ ।
ନିରାକାରଂ ୟଚ୍ଚ ସାକାରଦୀପ୍ତମ୍ ॥
ଅହୈତୁକୀଂ  ପ୍ରେମଘନଦିବ୍ୟମୂର୍ତ୍ତିମ୍ ।
ଆଚାର୍ଯ୍ୟରୂପଂ ପ୍ରଣବଂ ନମାମି ॥



ସଂଘର୍ ଶତବାର୍ଷିକ
ସମ୍ମେଳନୀ ପାଇଁ
ମାନ୍ୟବର୍ ରାଜ୍ୟପାଳଙ୍କୁ
ସନ୍ନ୍ୟାସୀମାନଙ୍କ ଦ୍ୱାରା
ସଭାସ୍ଥଳକୁ ସ୍ୱାଗତ




ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ଉପସ୍ଥିତ ମାନ୍ୟଗଣ୍ୟ
ଅତିଥିବୃନ୍ଦଙ୍କ ସହିତ ସଂଘର୍
ସଭାପତି ଓ ସମ୍ପାଦକ



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ମାନ୍ୟବର୍ ରାଜ୍ୟପାଳଙ୍କ
କରକମଳରେ ପ୍ରଦୀପ
ପ୍ରଜ୍ୱଳନ



ଭାରତ ସେବାଶ୍ରମ
ସଂଘର୍ ଶତବାର୍ଷିକ
ସମ୍ମେଳନୀରେ
ସଂଘର୍ ସଭାପତିଙ୍କ
ଦ୍ୱାରା ପ୍ରଦୀପ
ପ୍ରଜ୍ୱଳନ

ଭାରତ ସେବାଶ୍ରମ ସଂଘର ଶତବାର୍ଷିକ ସମ୍ମେଳନୀ ଅବସରରେ ସୁପ୍ରିମ୍ କୋର୍ଟର ପୂର୍ବତନ ବିଚାରପତି ଭି.ଗୋପାଳ ଗୌଡ଼ାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ।





ଭାରତ ସେବାଶ୍ରମ ସଂଘର ଶତବାର୍ଷିକ ସମ୍ମେଳନୀରେ ସଂଘର ସମ୍ପାଦକ ଶ୍ରୀମତ୍ ସାମୀ ବିଶ୍ୱାତ୍ମାନନ୍ଦଜୀ ମହାରାଜଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ।

ଭାରତ ସେବାଶ୍ରମ ସଂଘର ଶତବାର୍ଷିକ ସମ୍ମେଳନୀରେ ସଂଘ ପରିଚାଳିତ ଉଚ୍ଚବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ।






ଭାରତ ସେବାଶ୍ରମ ସଂଘର ଶତବାର୍ଷିକ ସମ୍ମେଳନୀରେ ମାନ୍ୟବର ରାଜ୍ୟପାଳ ଏସ୍.ସି.ଜମିରଙ୍କୁ ସଂଘର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ସ୍ମାରକୀ ଫଳକ ପ୍ରଦାନ ।



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ଭୂମିପୁତ୍ର ଉପାଧିରେ
ସମ୍ମାନିତ ଅତିଥି ବୃନ୍ଦଙ୍କ
ସହିତ ସଂଘର୍ ସନ୍ନ୍ୟାସୀ ଓ
ଅନ୍ୟ ଅତିଥି ବୃନ୍ଦ ।



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ଓଡ଼ିଶାର୍ ରାଜ୍ୟପାଳ
ଏସ୍.ଜମିରଙ୍କ ଠାରୁ ବିଶିଷ୍ଟ
ସାହିତ୍ୟିକ ପଦ୍ମଭୂଷଣ
ରମାକାନ୍ତ ରଥ ଭୂମିପୁତ୍ର
ଉପାଧି ଗ୍ରହଣ କରୁଛନ୍ତି ।



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ଓଡ଼ିଶାର୍ ରାଜ୍ୟପାଳ
ଏସ୍.ସି.ଜମିରଙ୍କ ଠାରୁ
ସୁନାମଧନ୍ୟା ପର୍ବତ
ଆରୋହଣକାରୀ କଳ୍ପନା
ଦାଶଙ୍କୁ ଭୂମିପୁତ୍ର ଉପାଧିରେ
ଭୂଷିତ ...



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ଓଡ଼ିଶାର୍ ରାଜ୍ୟପାଳଙ୍କ
ଠାରୁ ବିଶିଷ୍ଟ ହସ୍ତତନ୍ତ
କଳା ଶିଳ୍ପୀ ଶ୍ରୀଯୁକ୍ତ
ସରୋଜ କୁମାର୍
ବେହେରାଙ୍କୁ ଭୂମିପୁତ୍ର
ଉପାଧିରେ ଭୂଷିତ



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀରେ
ସୁପ୍ରିମ କୋର୍ଟର୍ ପୂର୍ବତନ
ବିଚାରପତି ଭି. ଗୋପାଳ
ଗୌଡ଼ା ସଂଘ ପୁରୀ
ଶାଖାର୍ ଭାରପ୍ରାପ୍ତ ଅଧ୍ୟକ୍ଷ
ସ୍ୱାମୀ ସମାଧାନନ୍ଦଜୀ ଠାରୁ
ସ୍ମାରକୀ ଫଳକ ଗ୍ରହଣ ।




ଭାରତ ସେବାଶ୍ରମ
ସଂଘର୍ ଶତବାର୍ଷିକ
ସମ୍ମେଳନୀରେ
ଓଡ଼ିଶାର୍
ରାଜ୍ୟପାଳଙ୍କ ଦ୍ୱାରା
ପଦ୍ମଶ୍ରୀ ତୁଳସୀମୁଣ୍ଡା
ଭୂମିପୁତ୍ର ଉପାଧିରେ
ସମ୍ମାନୀତା ...




ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ସମ୍ମେଳନୀ
ଅବସରରେ ଓଡ଼ିଶାର୍
ରାଜ୍ୟପାଳ ଏସ୍.ସି.ଜମିରଙ୍କୁ
ସଂଘର୍ ସଭାପତି ଶ୍ରୀମତ୍
ସ୍ୱାମୀ ମାଧବାନନ୍ଦଜୀ
ମହାରାଜଙ୍କ ଦ୍ୱାରା ସମ୍ବର୍ଦ୍ଧିତ ।




ଭାରତ ସେବାଶ୍ରମ
ସଂଘର୍ ଶତବାର୍ଷିକ
ସମ୍ମେଳନୀରେ
ମାନ୍ୟବର୍
ରାଜ୍ୟପାଳଙ୍କ ଦ୍ୱାରା
ଉଦ୍‌ବୋଧନ

# ଭାରତ ସେବାଶ୍ରମ ସଂଘ, ପୁରୀ ଶାଖାର କାର୍ଯ୍ୟ ବିବରଣୀ

ଆଚାର୍ଯ୍ୟ ଶ୍ରୀମତ୍ ସ୍ୱାମୀ ପ୍ରଣବାନନ୍ଦଜୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ "ଭାରତ ସେବାଶ୍ରମ ସଂଘ" ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ଜାତିର ସେବାରେ ନିୟୋଜିତ ଏକ ସେବା ପ୍ରତିଷ୍ଠାନ। ଭାରତରେ ସନାତନ, ଆଧ୍ୟାତ୍ମିକ ଓ ନୈତିକ ଆଦର୍ଶ ସାଧନା ଓ ସଦାଚାରର ଯୁଗୋପଯୋଗୀ ଭିତ୍ତିରେ ଜାତିର ପୁନର୍ଗଠନ – ଏହି ଉଦ୍ଦେଶ୍ୟ । ଏହି ମହାନ୍ ଉଦ୍ଦେଶ୍ୟକୁ ଜନ ସମାଜରେ ବାସ୍ତବ ରୂପରେଖ ଦେବା ପାଇଁ ସଂଘ ଗ୍ରହଣ କରିଅଛି ବହୁମୁଖୀ ଲୋକହିତୈଷୀ କର୍ମଯୋଜନା । ସଂଘର ବହୁମୁଖୀ କର୍ମଯୋଜନା ମଧ୍ୟରେ ଧର୍ମପ୍ରଚାର, ତୀର୍ଥସଂସ୍କାର, ଶିକ୍ଷାବିସ୍ତାର, ଜନସେବା, ହିନ୍ଦୁ ମିଳନ ମନ୍ଦିର ସ୍ଥାପନ, ଆଦିବାସୀ କଲ୍ୟାଣ, ସମାଜ ସଂଗଠନ ଓ ସଂସ୍କାର, ନୈତିକ ଓ ଆଧ୍ୟାତ୍ମିକ ଭାବଧାରାର ପ୍ରଚାର ଓ ପ୍ରସାର ଉଲ୍ଲେଖନୀୟ ।

୧୯୨୩ ମସିହା ଠାରୁ ପୁରୀଧାମରେ ରଥଯାତ୍ରା ଉପଲକ୍ଷେ ସମାଗତ ଲକ୍ଷଲକ୍ଷ ଧର୍ମପ୍ରାଣ ତୀର୍ଥଯାତ୍ରୀମାନଙ୍କର ସେବାରେ ଏହି ସଂଘ ନିଜକୁ ନିୟୋଜିତ କରିଆସୁଅଛି । ଏହା ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦୁର୍ଭିକ୍ଷ, ପ୍ଲାବନ, ଅଗ୍ନିକାଣ୍ଡ, ଭୂକମ୍ପ, ମହାମାରୀ ପ୍ରଭୃତି ଦୁର୍ଯୋଗ ସମୟରେ ସଂଘ ଉଦାରଚିତ ଓ ମୁକ୍ତ ହସ୍ତରେ ସେବାକାର୍ଯ୍ୟ କରିଆସୁଅଛି ।

ଓଡ଼ିଶାର ତତ୍କାଳୀନ ବହୁବରେଣ୍ୟ ବ୍ୟକ୍ତିଗଣ ସେବାକାର୍ଯ୍ୟକୁ ବହୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ସହଯୋଗିତା କରିଥିଲେ । ଏମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ଡଃ ହରେକୃଷ୍ଣ ମହତାବ ଓ ଡଃ ରାଧାନାଥ ରାୟଙ୍କ ନାମ ଉଲ୍ଲେଖନୀୟ ।

## ସେବାକାର୍ଯ୍ୟ :-

୧୯୨୬ ମସିହା ଠାରୁ ପ୍ରତିବର୍ଷ ଶତାଧିକ ଅଭିଜ୍ଞ ସ୍ୱେଚ୍ଛାସେବୀମାନଙ୍କ ସାହାଯ୍ୟ ଓ ସନ୍ନ୍ୟାସୀବୃନ୍ଦଙ୍କ ସୁପରିଚାଳନାରେ ପ୍ରାଥମିକ ଚିକିତ୍ସା, ଗୁରୁତର ଅସୁସ୍ଥବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରେରଣ, ଯାତ୍ରୀଭିଡ଼ ନିୟନ୍ତ୍ରଣ, ହଜିଯାଇଥିବା ବ୍ୟକ୍ତିମାନଙ୍କର ସନ୍ଧାନ, ପାନୀୟଜଳ ଯୋଗାଣ ପ୍ରଭୃତି ସେବାକାର୍ଯ୍ୟ ରଥଯାତ୍ରା ସମୟରେ ସମ୍ପନ୍ନ କରାଯାଉଅଛି ।
ରଥଯାତ୍ରାରେ ସେବାକାର୍ଯ୍ୟ ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସଂଘଠିତ ପ୍ରାକୃତିକ ଦୁର୍ବିପାକ ଯଥା- ବନ୍ୟା, ବାତ୍ୟା, ଦୁର୍ଭିକ୍ଷ, ମହାମାରୀ, ଖରା ପ୍ରଭୃତି

ଦୁର୍ଯ୍ୟୋଗ ସମୟରେ ଅସହାୟ ଓ ଦୁଃସ୍ଥ ବ୍ୟକ୍ତିମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ କମ୍ବଳ, ଚାଦର, ଶାଢ଼ୀ, ଧୋତି, ମଶାରୀ, ରନ୍ଧାଖାଦ୍ୟ, ଔଷଧ, ଚୁଡା, ଗୁଡ଼ ପ୍ରଭୃତି ଦ୍ୱାରା ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରୁଅଛି । ଶୀତଋତୁରେ ଶୀତର ପ୍ରଚଣ୍ଡ ପ୍ରକୋପଠାରୁ ଦରିଦ୍ର ବ୍ୟକ୍ତିଗଣଙ୍କ ଦୂରାବସ୍ଥା ଦୂର କରିବା ପାଇଁ ପ୍ରତିବର୍ଷ ଶତାଧିକ ଦରିଦ୍ର ଓ ଅସହାୟ ଲୋକମାନଙ୍କୁ କମ୍ବଳ, ଚାଦର, ଶାଢ଼ୀ, ଧୋତି ପ୍ରଭୃତି ଶୀତବସ୍ତ୍ର ବଣ୍ଟନ କରାଯାଉଅଛି ।

## ମହାବାତ୍ୟା ସମୟରେ ସେବାକାର୍ଯ୍ୟ :-

ଓଡ଼ିଶାରେ ୧୯୯୯ ଅକ୍ଟୋବର ୨୯ ତାରିଖରେ ଘଟିଥିବା ପ୍ରଳୟଙ୍କାରୀ ମହାବାତ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସଂଘ ପକ୍ଷରୁ ବହୁମୁଖୀ ସେବାକାର୍ଯ୍ୟ କରାଯାଇଅଛି । ପ୍ରାଥମିକ ଅବସ୍ଥାରେ କଲିକତା ପ୍ରଧାନ କାର୍ଯ୍ୟାଳୟରୁ ୪ଟି ଆମ୍ବୁଲାନ୍ସ ସହିତ ୫୦ ଜଣ ଅଭିଜ୍ଞ ସନ୍ୟାସୀ, ବ୍ରହ୍ମଚାରୀ, ଡାକ୍ତର ଓ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଦେଢ଼ମାସ ଧରି ଧ୍ୱସ୍ତ ବିଧ୍ୱସ୍ତ କଟକ, ପୁରୀ, କେନ୍ଦ୍ରପଡ଼ା ଓ ଜଗତସିଂହପୁର ଜିଲ୍ଲାର ୧୬ଟି ବ୍ଲକ୍ରେ ଚୂଡ଼ା, ଗୁଡ଼, ବିସ୍କୁଟ, ଔଷଧ, ପଲିଥିନ, କମ୍ବଳ, ବାସନପତ୍ର, ପିଲାଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ରାଦି ବିତରଣ କରାଯାଇଥିଲା । ଏତଦ୍ବ୍ୟତୀତ ପିଲାମାନଙ୍କର ଶିକ୍ଷାର ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କ ପାଇଁ ବହି, ଖାତା, କଲମ, ବିଦ୍ୟାଳୟ ପୋଷାକ ତଥା ଅନ୍ୟାନ୍ୟ ପାଠ୍ୟ ଉପକରଣ ସାମଗ୍ରୀ ସହିତ ଅର୍ଥାଦି ବଣ୍ଟନ କରାଯାଇଥିଲା । ବିଶେଷକରି ସଂଘ ଦ୍ୱାରା ୨୫୦ଟି ପରିବାର ନିମିତ୍ତ ବାତ୍ୟା ନିରୋଧକ ଗୃହ ନିର୍ମାଣ କରି ସେମାନଙ୍କ ଥଇଥାନ ପାଇଁ ବ୍ୟବସ୍ଥା କରିଅଛି । ଏହା ସହିତ ଗ୍ରାମ ଗୁଡ଼ିକରେ ବୃକ୍ଷରୋପଣ, ପଶୁପାଳନ ଏବଂ କୃଷିକାର୍ଯ୍ୟର ଉନ୍ନତି ନିମିତ୍ତ ଅନେକ କାର୍ଯ୍ୟକ୍ରମ ଏହି ସଂଘ ଗ୍ରହଣ କରି ସେମାନଙ୍କର ଉନ୍ନତି କରିବା ନିମନ୍ତେ ଚେଷ୍ଟା କରିଅଛି ।

## ଯାତ୍ରୀନିବାସ :-

ଭାରତର ବିଭିନ୍ନ ପ୍ରାନ୍ତରୁ ସମାଗତ ସହସ୍ର ତୀର୍ଥଯାତ୍ରୀମାନଙ୍କୁ ଆଶ୍ରମସ୍ତ ନିଃଶୁଳ୍କ ଯାତ୍ରୀନିବାସରେ ନିର୍ବିଘ୍ନରେ ଅବସ୍ଥାନ ଓ ନିରାପଦରେ ତୀର୍ଥକାର୍ଯ୍ୟାଦି ସୁସମ୍ପନ୍ନ କରିବା ନିମିତ୍ତ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ପ୍ରଦାନ କରୁଅଛି । ଏହା ବ୍ୟତୀତ ଓଡ଼ିଶାରୁ ଭାରତର ବିଭିନ୍ନ ତୀର୍ଥାନୁଷ୍ଠାନକୁ ଯିବା ପାଇଁ ଇଚ୍ଛୁକ ତୀର୍ଥଯାତ୍ରୀମାନଙ୍କୁ ସେଠାରେ ଥିବା ସଂଘ ଶାଖାରେ ଅବସ୍ଥାନ ଓ ନିର୍ବିଘ୍ନରେ ତୀର୍ଥକାର୍ଯ୍ୟାଦି ସଂପାଦନ କରିବା ନିମିତ୍ତ ସମ୍ଭାବ୍ୟ ସମସ୍ତ ପ୍ରକାରର ସାହାଯ୍ୟ ପ୍ରଦାନ କରାଯାଇଅଛି ।

## ଦାତବ୍ୟ ଚିକିତ୍ସାଳୟ :-

ଆଶ୍ରମ ପରିସର ମଧ୍ୟରେ ସ୍ଥିତ "ଦାତବ୍ୟ ହୋମିଓପ୍ୟାଥି ଚିକିତ୍ସାଳୟରେ ପ୍ରତିଦିନ ଶତାଧିକ ରୋଗଗ୍ରସ୍ତ ସ୍ଥାନୀୟ ବାସିନ୍ଦା, ତୀର୍ଥଯାତ୍ରୀମାନଙ୍କୁ ଅଭିଜ୍ଞ ଚିକିତ୍ସକ ଓ ସହକାରୀ କାର୍ଯ୍ୟବୃନ୍ଦଙ୍କ ଦ୍ୱାରା ଚିକିତ୍ସା କରାଯାଉଅଛି ।

## ଗ୍ରନ୍ଥାଗାର ବ୍ୟବସ୍ଥା :-

ପୁରୀ ସହରର ନବଶିକ୍ଷିତ ଶିକ୍ଷାର୍ଥୀମାନଙ୍କର ତଥା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କ ରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ସରବରାହ, ନୂତନ ପ୍ରଜନ୍ମ ପାଠକ/ପାଠିକା ମାନଙ୍କ ମଧ୍ୟରେ ପାଠ୍ୟଭ୍ୟାସ ସୃଷ୍ଟି, ଗବେଷଣା କାର୍ଯ୍ୟରେ ସହାୟତା ତଥା ଅବସର ନିନୋଦନରେ ସହାୟକ ରୂପେ ସଂଘ ପକ୍ଷରୁ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ସଂସ୍କୃତ ଓ ଇଂରାଜୀ ଭାଷାରେ ଗଚ୍ଛିତ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକାମାନ ରହିଅଛି । ଏହି ପାଠାଗାରଟିରେ ଏକକାଳୀନ ୨୦୦ ଜଣ ପାଠକ/ପାଠିକା ମାନଙ୍କର ଅଧ୍ୟୟନ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି । ଏହି ପାଠାଗାର ମଧ୍ୟରେ ପ୍ରତିଦିନ ୧୬ଟି ଖବରକାଗଜ ଓ ୧୦୦ ରୁ ଅଧିକ ମାସିକ ଓ ପାକ୍ଷିକ ପତ୍ରିକାମାନ ଆସୁଅଛି ।

## ଶିକ୍ଷାବ୍ୟବସ୍ଥା :-

ସ୍ଥାନୀୟ ଅଧିବାସୀ ଓ ଅନୁନ୍ନତ ଶ୍ରେଣୀର ଶିଶୁମାନଙ୍କର ଶିକ୍ଷାବ୍ୟବସ୍ଥା ନିମିତ୍ତ ସଂଘ ପକ୍ଷରୁ ପ୍ରଥମେ ପୁରୀ ଆଶ୍ରମ ପରିସର ମଧ୍ୟରେ ୧୯୪୨ ମସିହାରେ ଏକ ଅବୈତନିକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଯାହା ବର୍ତ୍ତମାନ ସରକାରୀ ସାହାଯ୍ୟ ପ୍ରାପ୍ତହୋଇ ୧୯୭୫ ମସିହା ଠାରୁ UGMEସ୍କୁଲ ଉପରେ ପରିଣତ ହୋଇଅଛି । ପୁନଶ୍ଚ ୧୯୮୬ ମସିହା ଠାରୁ "ଭାରତ ସେବାଶ୍ରମ ସଂଘ ପ୍ରଣବାନନ୍ଦ ବିଦ୍ୟାମନ୍ଦିର" ନାମରେ ଏକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ଅଛି । ଯାହା ଲତି ମଧ୍ଯରେ ସରକାରୀ ଅନୁମୋଦନ ଲାଭ କରିଅଛି । ଏହା ସହିତ ଏକ ଛାତ୍ରାବାସର ବ୍ୟବସ୍ଥ୍ୟ ମଧ୍ଯ ରହିଅଛି ।

## ଧର୍ମ ସଂସ୍କୃତି ବିଭାଗ :-

ଆଶ୍ରମ ପ୍ରାଙ୍ଗଣ ଶ୍ରୀଶ୍ରୀ ଗୁରୁମନ୍ଦିର ଓ ଶ୍ରୀଶ୍ରୀ ପ୍ରଣବେଶ୍ୱର ଶିବମନ୍ଦିରରେ ନିତ୍ୟ ନିୟମିତ ପୂଜା, ଆରତି, ଶନିବାର ଓ ରବିବାର ଦିନ ଧର୍ମାଲୋଚନା ଏବଂ ପ୍ରତି ରବିବାର "ବୈଦିକ ଶାନ୍ତିଯଜ୍ଞ" ଅନୁଷ୍ଠିତ ହେଉଅଛି । ଏହା ବ୍ୟତୀତ ଭାରତୀୟ ସଂସ୍କୃତି ମନ୍ଦିରର ନିମ୍ନ ହଲ୍ରେ ଥିବା ମୁକ୍ତାଙ୍ଗନ ମଞ୍ଚରେ ଧର୍ମ-ସଂସ୍କୃତି ଓ ସାହିତ୍ୟ ସଂପର୍କୀୟ ଆଲୋଚନା ଚକ୍ର ଏବଂ ବହୁ ସାଂସ୍କୃତିକ ଅନୁଷ୍ଠାନର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରତିଷ୍ଠାନ ମାଧ୍ୟମରେ ପରିଚାଳିତ ହେଉଅଛି ।

## ପ୍ରକାଶନ ବିଭାଗ :-

ଓଡ଼ିଆ ଭାଷାରେ ସଂଘର ନୀତି ତଥା ପୌରାଣିକ ଓ ଧର୍ମ ସମ୍ବନ୍ଧୀୟ ନୀତିଶିକ୍ଷା ଓ ଜୀବନଗଠନ ନିମିତ୍ତ ଉପାଦେୟ ପୁସ୍ତକମାନ ପ୍ରକାଶିତ ହୋଇଅଛି । ଓଡ଼ିଆ ଭାଷାରେ ବର୍ତ୍ତମାନ ସୁଦ୍ଧା ୨୦ ରୁ ଅଧିକ ଧର୍ମଗ୍ରନ୍ଥ ଏକାଧିକ ସଂସ୍କରଣରେ ପ୍ରକାଶିତ ହୋଇଅଛି ।

## ପ୍ରକାଶିତ ପୁସ୍ତକାବଳୀ :-

(୧) ଶ୍ରୀ ଶ୍ରୀ ଯୁଗାଚାର୍ଯ୍ୟ ଜୀବନ ଚରିତ (୨) ମନୀଷୀମାନଙ୍କ ଦୃଷ୍ଟିରେ ସ୍ୱାମୀ ପ୍ରଣବାନନ୍ଦ (୩) ପିଲାଙ୍କ ପ୍ରଣବାନନ୍ଦ (୪) ଶତାବ୍ଦୀର ନବଜାଗରଣ (୫) ବ୍ରହ୍ମଚର୍ଯ୍ୟମ୍ (୬) ଗାର୍ହସ୍ଥ୍ୟମ୍ (୭) ଜୀବନ ସାଧନାର ପଥେ (୮) ପାଥେୟ (୯) ଗୁରୁମୁଖୀ ରାମାୟଣ (୧୦) ଗୁରୁମୁଖୀ ମହାଭାରତ (୧୧) ଶିଶୁ ରାମାୟଣ (୧୨) ଶିଶୁ ମହାଭାରତ (୧୩) ଶ୍ରୀ ଶ୍ରୀ ଗୟାମହାତ୍ମ୍ୟ (୧୪) ଶ୍ରୀଶ୍ରୀ ସଦ୍ଗୁରୁ (୧୫) ଶ୍ରୀ ଶ୍ରୀ ଜଗଦ୍ଗୁରୁ (୧୬) ହିନ୍ଦୁତ୍ୱମ୍ (୧୭) ଶ୍ରୀ ଶ୍ରୀ ଗୁରୁଗୀତ (୧୮) ସଂଘବାଣୀ (୧୯) ଶ୍ରୀ ଶ୍ରୀ ପ୍ରଣବାନନ୍ଦ ବାଣୀ ଓ ଉପଦେଶ (୨୦) ଶ୍ରୀଶ୍ରୀ ପ୍ରୟାଗ ମହାତ୍ମ୍ୟ ଓ ପ୍ରୟାଗକୃତ୍ୟ (୨୧) ସଂକ୍ଷେପରେ ଯୁଗାଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦଙ୍କ ଜୀବନୀ ଓ ସଂଘର କର୍ମ ପରିଣତି ।

ଉପରୋକ୍ତ ମାନବ କଲ୍ୟାଣ କାର୍ଯ୍ୟ ସମୂହର ସୁପରିଚାଳନା ନିମିତ୍ତ ବହୁ ଅର୍ଥର ପ୍ରୟୋଜନ ହେଉଅଛି । ମୁଁ ସଂଘର ପୁରୀ ଶାଖାପକ୍ଷରୁ ଧାର୍ମିକ ଦାନଶୀଳ ଦେଶବାସୀଙ୍କ ନିକଟରେ ବହୁମୁଖୀ କାର୍ଯ୍ୟ ପାଇଁ ମୁକ୍ତ ହସ୍ତରେ ଦାନ କରିବାକୁ ଅନୁରୋଧ କରୁଅଛି । କାର୍ଯ୍ୟ ସମୂହର ସୁପରିଚାଳନା ନିମିତ୍ତ ମାସିକ ବାର୍ଷିକ ବା ଏକକାଳୀନ ଆର୍ଥିକ, ସ୍ଥାବର ବା ଅସ୍ଥାବର ସମ୍ପତ୍ତି ପ୍ରଭୃତି ଯେ କୌଣସି ପ୍ରକାର ଦାନ ସାଦରେ ଗ୍ରହଣ କରାଯାଏ ।

ଭାରତ ସେବାଶ୍ରମ ସଂଘକୁ ପ୍ରଦତ୍ତ ସମସ୍ତ ଦାନ ଭାରତ ସରକାରଙ୍କ ୧୯୬୧ ମସିହା ଆୟକର ଆଇନ୍‌ର ୮୦ ଜି ଧାରା ଅନୁଯାୟୀ ସମ୍ପୂର୍ଣ୍ଣ ଆୟକର ମୁକ୍ତ ଅଟେ ।

**ସ୍ୱାମୀ ସମିଧାନନ୍ଦ**
**ଅଧ୍ୟକ୍ଷ, ଭାରତ ସେବାଶ୍ରମ ସଂଘ**
**ପୁରୀ – ୭୫୨ ୦୦୧**




ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ସମ୍ମେଳନୀରେ
ମଞ୍ଚାସୀନ ଭୂମିପୁତ୍ର
ଉପାଧିରେ ସମ୍ମାନୀତ
ଅତିଥିବୃନ୍ଦଙ୍କ ସହିତ
ସଂଘର ସମ୍ପାଦକ ...




ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ସମ୍ମେଳନୀରେ
ସନ୍ନ୍ୟାସୀବୃନ୍ଦଙ୍କ ସହିତ
ପୂର୍ବତନ ବାଚସ୍ପତି
ଶ୍ରୀଯୁକ୍ତ ମହେଶ୍ୱର
ମହାନ୍ତି ...



ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ସମ୍ମେଳନୀରେ ଉପସ୍ଥିତ
ଅତିଥି ତଥା ଦର୍ଶକ ବୃନ୍ଦ



ଭାରତ ସେବାଶ୍ରମ ସଂଘ
ତରଫରୁ କନକ ଟିଭିର
ପୁରୀ ପ୍ରତିନିଧି ଶ୍ରୀଯୁକ୍ତ
ସାମାଞ୍ଚଳ ପାଢ଼ୀଙ୍କୁ
ସମ୍ମାନୀତ




ଭାରତ ସେବାଶ୍ରମ
ସଂଘ ତରଫରୁ
ଶ୍ରୀଯୁକ୍ତ ସିଦ୍ଧାର୍ଥ
ରାୟଙ୍କୁ ସମ୍ମାନୀତ

ସଂଘର ସମ୍ପାଦକ ଶ୍ରୀମଦ୍ ସ୍ୱାମୀ
ବିଶ୍ୱାତ୍ମାନନ୍ଦଜୀ ମହାରାଜାଙ୍କୁ
ପୁରୀ ସଂଘ ଶାଖାର ଭାରପ୍ରାପ୍ତ
ଅଧ୍ୟକ୍ଷ ସ୍ୱାମୀ ସମିଧାନନ୍ଦଙ୍କ
ଦ୍ୱାରା ସ୍ମାରକୀ ଫଳକ ପ୍ରଦାନ






ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ସମ୍ମେଳନୀରେ
ଓଡ଼ିଶା ଡ୍ୟାନ୍ସ
ଏକାଡେମୀ, ପୁରୀ
ଦ୍ୱାରା ଓଡ଼ିଶୀ ନୃତ୍ୟ
ପରିବେଷଣ ...

ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ଉପଲକ୍ଷେ ପୁରୀ
ଶାଖା ତରଫରୁ
ଦିବ୍ୟାଙ୍ଗମାନଙ୍କୁ
ଟ୍ରାଇ-ସାଇକେଲ
ପ୍ରଦାନ ।





ରଥଯାତ୍ରାରେ
ସେବାରତ
ଭାରତସେବାଶ୍ରମ
ସଂଘର ସ୍ୱେଚ୍ଛାସେବୀ
ବୃନ୍ଦ.



ସଂଘର ସ୍ୱେଚ୍ଛାସେବୀ
ସେବକଙ୍କ ଦ୍ୱାରା
ରଥଯାତ୍ରାରେ
ଷ୍ଟ୍ରେଚର ସେବା





ସଂଘର ପୁରୀ ଶାଖା
ତରଫରୁ ବ୍ରାହ୍ମଣ
ପଣ୍ଡିତମାନଙ୍କୁ ଅନ୍ନ
ବସ୍ତ୍ରାଦି ଦାନ ...






ଭାରତ ସେବାଶ୍ରମ ସଂଘ
ତରଫରୁ ସଂଘ ପରିଚାଳିତ
ଉଚ୍ଚବିଦ୍ୟାଳୟର ସର୍ବଶ୍ରେଷ୍ଠ
ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ



ଭାରତ ସେବାଶ୍ରମ ସଂଘ, ପୁରୀ
ଶାଖା ତରଫରୁ ଦିବ୍ୟାଙ୍ଗମାନଙ୍କୁ
ଟ୍ରାଇ-ସାଇକେଲ୍ ଓ ହସ୍ତଚାଳିତ
ସାଇକେଲ୍ ପ୍ରଦାନ





# ଶ୍ରୀ ଶ୍ରୀ ଗୁରୁ ବନ୍ଦନା

୧

ଭବ-ସାଗର-ତାରଣ-କାରଣ ହେ,
ରବିନନ୍ଦନ-ବନ୍ଧନ-ଖଣ୍ଡନ ହେ ।
ଶରଣାଗତ କିଙ୍କର ଭୀତ ମନେ,
ଗୁରୁଦେବ ଦୟା କର ଦୀନ ଜନେ ॥

୨

ହୃଦି-କନ୍ଦର ତାମସ-ଭାସ୍କର ହେ,
ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ ।
ପରବ୍ରହ୍ମ ପରାତ୍ପର ବେଦ ଭନେ,
ଗୁରୁଦେବ ଦୟା କର ଦୀନ ଜନେ

୩

ମନ-ବାରଣ-ଶାସନ-ଅଙ୍କୁଶ ହେ,
ନର-ତ୍ରାଣ-ତରେ ହରି ଚାକ୍ଷୁଷ ହେ
ଗୁଣ-ଗାନ-ପରାୟଣ- ଦେବଗଣେ,
ଗୁରୁଦେବ ଦୟା କର ଦୀନ ଜନେ ॥

୪

କୁଳ-କୁଣ୍ଡଳିନୀ-ଘୁମ-ଭଞ୍ଜକ ହେ,
ହୃଦି- ଗ୍ରନ୍ଥି-ବିଦାରଣ-କାରକ ହେ ।
ମମ ମାନସ ଚଞ୍ଚଳ ରାତ୍ରି ଦିନେ,
ଗୁରୁଦେବ ଦୟା କର ଦୀନ ଜନେ ॥

୫

ରିପୁସୂଦନ ମଙ୍ଗଳ-ନାୟକ ହେ,
ସୁଖ-ଶାନ୍ତି-ବରାଭୟ-ଦାୟକ ହେ ।
ତ୍ରୟ ତାପ ହରେ ତବ ନାମ ଗାନେ,
ଗୁରୁଦେବ ଦୟା କର ଦୀନ ଜନେ ॥

୬

ଅଭିମାନ-ପ୍ରଭାବ-ବିମର୍ଦ୍ଦକ ହେ,
ଗତିହୀନ ଜନେ ତୁମେ ରକ୍ଷକ ହେ ।
ଚିତ ଶଙ୍କିତ ବଞ୍ଚିତ ଭକ୍ତିଧନେ,
ଗୁରୁଦେବ ଦୟା କର ଦୀନ ଜନେ ॥

୭

ତବ ନାମ ସଦା ଶୁଭଦାୟକ ହେ,
ପତିତାଧମ-ମାନବ-ପାବକ ହେ ।
ମହିମା ତବ ଗୋଚର ଶୁଦ୍ଧ ମନେ,
ଗୁରୁଦେବ ଦୟା କର ଦୀନ ଜନେ

୮

ଜୟ ସଦଗୁରୁ ଈଶ୍ୱର-ପ୍ରାପକ ହେ,
ଭବ-ରୋଗ-ବିକାର-ବିନାଶକ ହେ ।
ମନ ଯେହ୍ନେ ରହେ ତବ ଶ୍ରୀଚରଣେ,
ଗୁରୁଦେବ ଦୟା କର ଦୀନ ଜନେ ॥

# ଭାରତ ସେବାଶ୍ରମ ସଂଘ

**ଉଦ୍ଦେଶ୍ୟ :-** ଭାରତର ସନାତନ ଆଧ୍ୟାତ୍ମିକ ଓ ନୈତିକ ଆଦର୍ଶ ତଥା ସାଧନା ସଦାଚାରର ଯୁଗୋପଯୋଗୀ ଭିତ୍ତିରେ ଜାତିର ପୁନର୍ଗଠନ ।

**କର୍ମଯୋଜନା :-** (୧) ଧର୍ମ ପ୍ରଚାର (୨) ତୀର୍ଥ ସଂସ୍କାର (୩) ଶିକ୍ଷା ବିସ୍ତାର (୪) ଜନସେବା (୫) ହିନ୍ଦୁ ମିଳନ ମନ୍ଦିର ସ୍ଥାପନ (୬) ହିନ୍ଦୁ ରକ୍ଷୀ ଦଳ ଗଠନ (୭) ଶୁଦ୍ଧି (୮) ଅନୁନ୍ନତୋନ୍ନୟନ (୯) ଅସ୍ପୃଶ୍ୟତା ଉଚ୍ଛେଦ (୧୦) ଆଦିବାସୀ ସଂଗଠନ (୧୧) ଭାରତୀୟ ସଂସ୍କୃତିର ପ୍ରଚାର ପ୍ରଭୃତି କାର୍ଯ୍ୟାବଳୀ ପରିଚାଳିତ ହେଉଛି ।

**ଧର୍ମ ପ୍ରଚାର :-** ପ୍ରତି ଦଳରେ ୧୫ ଜଣ ସନ୍ୟାସୀ, ବ୍ରହ୍ମଚାରୀ ଓ କର୍ମୀ ସମ୍ବଳିତ ୭ ଟି ପ୍ରଚାରକ ମଣ୍ଡଳୀ ସମଗ୍ର ଭାରତର ବିଭିନ୍ନ ପ୍ରଦେଶରେ ଧର୍ମର ଉଦାର ଓ ସାର୍ବଜନୀନ ଆଦର୍ଶ, ସାଧନା, ସଦାଚାର, ଅନୁଷ୍ଠାନ ଆଦିର ପ୍ରଚାର କାର୍ଯ୍ୟରେ ନିଯୁକ୍ତ ଏବଂ ବହୁ ସନ୍ୟାସୀ, ବ୍ରହ୍ମଚାରୀ ଓ କର୍ମୀ ଏକାକୀ ଓ ମିଳିତ ଭାବରେ ପ୍ରଚାର କାର୍ଯ୍ୟରେ ରତ ଅଛନ୍ତି ।

**ତୀର୍ଥ ସଂସ୍କାର :-** ଗୟା, କାଶୀ, ପୁରୀ, ପ୍ରୟାଗ, ବୃନ୍ଦାବନ, ହରିଦ୍ୱାର, କେଦାରନାଥ, ବଦ୍ରୀନାଥ, ଗୌରୀକୁଣ୍ଡ, ନବଦ୍ୱୀପ, କୁରୁକ୍ଷେତ୍ର, ତାରାପୀଠ, ରାମେଶ୍ୱରମ, କନ୍ୟାକୁମାରୀ, ଜମ୍ମୁ ଓ ଗଙ୍ଗାସାଗର ପ୍ରଭୃତି ତୀର୍ଥରେ ଯାତ୍ରୀମାନଙ୍କର ବାସସ୍ଥାନ, ରକ୍ଷଣାବେକ୍ଷଣ, ତୀର୍ଥ କାର୍ଯ୍ୟାଦିରେ ସହାୟତା, ଚିକିତ୍ସା ପ୍ରଭୃତିର ବ୍ୟବସ୍ଥା କରାହୋଇଥାଏ । ଗୟାଧାମରେ ପିତୃପକ୍ଷ ମେଳାରେ, କାଶୀଧାମରେ ଅନ୍ନକୂଟ ମେଳାରେ, ପୁରୀଧାମରେ ରଥଯାତ୍ରା ମେଳାରେ, କୁରୁକ୍ଷେତ୍ରରେ ସୂର୍ଯ୍ୟଗ୍ରହଣ ମେଳାରେ, ପ୍ରୟାଗଧାମରେ ଓ ହରିଦ୍ୱାରରେ କୁମ୍ଭମେଳାରେ ଏବଂ ପଶ୍ଚିମବଙ୍ଗର ଗଙ୍ଗାସାଗର ମେଳାରେ ସମାଗତ ଲକ୍ଷ ଲକ୍ଷ ଯାତ୍ରୀମାନଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ଓ ସେବାକାର୍ଯ୍ୟର ବ୍ୟବସ୍ଥା କରାହୁଏ ।

**ଶିକ୍ଷା ବିସ୍ତାର :-** ଅଶିକ୍ଷିତ, ନିରକ୍ଷର, ଦରିଦ୍ର ଜନଗଣଙ୍କର ଶିକ୍ଷା ପାଇଁ ଗ୍ରାମେ ଗ୍ରାମେ ଓ ସହରେ ସହରେ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟ, ଅବୈତନିକ ପ୍ରାଥମିକ ବିଦ୍ୟାଳୟ ଓ ନୈଶ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ ଇତ୍ୟାଦି ପରିଚାଳିତ ହେଉଅଛି । ବିଭିନ୍ନ କେନ୍ଦ୍ରରେ ପରିଚାଳିତ ଆଦର୍ଶ ବିଦ୍ୟାର୍ଥୀ ଭବନ ସମୂହରେ ବିନା ବ୍ୟୟ ବା ସ୍ୱଳ୍ପ ବ୍ୟୟରେ ବହୁ ଦରିଦ୍ର ଛାତ୍ର ଶିକ୍ଷାଲାଭ କରୁଛନ୍ତି । ବିଭିନ୍ନ ବିଦ୍ୟାଳୟର ତରୁଣ ବିଦ୍ୟାର୍ଥୀମାନଙ୍କୁ ଧର୍ମ ଓ ନୀତି ବିଷୟକ ଶାସ୍ତ୍ରାଦି ଶିକ୍ଷାଦାନ ପୂର୍ବକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ପରୀକ୍ଷା ଗ୍ରହଣ କରାହୁଏ ।

**ଜନସେବା :-** ବନ୍ୟା, ବାତ୍ୟା, ଭୂମିକମ୍ପ, ମହାମାରୀ ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ଯୋଗ ଏବଂ ଦଙ୍ଗାହାଙ୍ଗାମାରେ ଦୁର୍ଗତମାନଙ୍କର ସେବାକାର୍ଯ୍ୟ କରାହୁଏ ।

**ହିନ୍ଦୁ ମିଳନ ମନ୍ଦିର :-** ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ଛତିଶଗଡ଼, ଆସାମ, ଓଡ଼ିଶା, ଗୁଜୁରାଟ, ମଧ୍ୟପ୍ରଦେଶ ପ୍ରଭୃତି ବିଭିନ୍ନ ରାଜ୍ୟରେ ପରିଚାଳିତ ଶତ ଶତ ହିନ୍ଦୁ ମିଳନ ମନ୍ଦିର (ପଲ୍ଲୀଉନ୍ନୟନ କେନ୍ଦ୍ର) ମାଧ୍ୟମରେ ସାପ୍ତାହିକ, ମାସିକ, ପ୍ରାତ୍ୟହିକ ଅଧିବେଶନ, ଯାଗଯଜ୍ଞ, ସମବେତ ଉପାସନା, ବାର୍ଷିକ ଧର୍ମ ସମ୍ମିଳନୀ, ସମାଜ ସଂସ୍କାର ମୂଳକ କାର୍ଯ୍ୟାଦି ହୋଇଥାଏ ।

**ହିନ୍ଦୁ ରକ୍ଷୀ ଦଳ :-** "ହିନ୍ଦୁ ମିଳନ ମନ୍ଦିର" ସହିତ ସଂଶ୍ଳିଷ୍ଟ ହିନ୍ଦୁ ରକ୍ଷୀଦଳରେ ବ୍ୟାୟାମ ଓ ବାଡ଼ି, ଛୁରୀ, ତରବାରୀ ପ୍ରଭୃତି ଆତ୍ମରକ୍ଷା ମୂଳକ କ୍ରୀଡା କୌଶଳ ଶିକ୍ଷା ଦିଆହୁଏ ।

**ଶୁଦ୍ଧି : -** ପୁନରାଗମନେଚ୍ଛୁ ଧର୍ମାନ୍ତରିତ ନରନାରୀମାନଙ୍କୁ ଶୁଦ୍ଧ କରାଇ ସମାଜରେ ଗ୍ରହଣ ଓ ଜୀବିକା ଅର୍ଜନ ବ୍ୟବସ୍ଥା ଏବଂ ଅପହୃତା, ଧର୍ଷିତା, ବିପନ୍ନା ନାରୀଙ୍କୁ ଉଦ୍ଧାର ପୂର୍ବକ ବାସସ୍ଥାନ ଓ ଜୀବିକାର ବ୍ୟବସ୍ଥା କରାହୁଏ ।

**ଆଦିବାସୀ ଜନକଲ୍ୟାଣ :-** ଆଦିବାସୀମାନଙ୍କ ମଧ୍ୟରେ ଧର୍ମ ଓ ସଦାଚାର ପ୍ରଚାର, ନୈଶ ବିଦ୍ୟାଳୟ ଓ ଛାତ୍ରାବାସ ପରିଚାଳନା, ଆଦିବାସୀ ନୈଶ ବିଦ୍ୟାଳୟ ଓ ଛାତ୍ରାବାସ ପରିଚାଳନା, ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ଏବଂ ଧର୍ମାନ୍ତରିତ ଆଦିବାସୀମାନଙ୍କର ଶୁଦ୍ଧି ପ୍ରଭୃତି କାର୍ଯ୍ୟ ହୋଇଥାଏ ।

**ଭାରତୀୟ ସଂସ୍କୃତି ମିଶନ :-** ଭାରତର ବିଭିନ୍ନ ପ୍ରଦେଶରେ ଓ ଭାରତର ବାହାରେ ବିଭିନ୍ନ ମହାଦେଶରେ ଶିକ୍ଷିତ ସନ୍ନ୍ୟାସୀ ପ୍ରଚାରକ ଦଳ ପ୍ରେରଣ ପୂର୍ବକ ଭାରତୀୟ ଆଦର୍ଶ ପ୍ରଚାର, ପ୍ରବାସୀ ହିନ୍ଦୁମାନଙ୍କ ମଧ୍ୟରେ ବୈଦିକ ସମବେତ ଉପାସନା, ବକ୍ତୃତା, ଶାସ୍ତ୍ରବ୍ୟାଖ୍ୟା, ଶିକ୍ଷାଳୟ ସ୍ଥାପନ, ମନ୍ଦିର ନିର୍ମାଣ, ଧର୍ମଗ୍ରନ୍ଥ ପ୍ରଚାର ଇତ୍ୟାଦି ବିଭିନ୍ନ କାର୍ଯ୍ୟ ହୋଇଥାଏ ।

**ବିଦ୍ୟାର୍ଥୀ ଭବନ :-** ପୁରୀ, ଗୟା, ପ୍ରୟାଗ, କୋଲକାତା, ଗଡିଆ, ହୋଡ଼ଖାଲି, ବାଙ୍କୁଡ଼ା, ରାଣୀବାଁଧ, ପାଁଜିପୁକୁର, ମାଲଦହ, ତିଓଡ଼, ବାଲୁରଘାଟ, ସୁରାଟ, ଅହମଦାବାଦ, ଲାମଡ଼ିଂ, ମହିଷାଦଳ, ଜାମସେଦପୁର, ଝାଡଗ୍ରାମ, କୁମାରଗଞ୍ଜ, ଔରଙ୍ଗାବାଦ, ରାୟଗଞ୍ଜ, ଡୋକରା, କୁନୋର, ହାଇଦ୍ରାବାଦ, ପୁରୁଲିଆ, ପତିରାମ, ଶିଳିଗୁଡି, ଗୁଆହାଟୀ, ଘାଟଶିଳା, ଦିଲ୍ଲୀ, ଡିମାପୁର, ଡେଡିଆପାଡା, ତାରାପୀଠ ଓ ସିଉଡି ପ୍ରଭୃତି ।

**ଭାରତ ବାହାରେ ଭାରତୀୟ ସଂସ୍କୃତି ପ୍ରଚାର କେନ୍ଦ୍ର :-** ପୋର୍ଟ ଅଫ୍ ସ୍ପେନ୍, ତ୍ରିନିଦାଦ, କୋଭ ଏଣ୍ଡ ଜନ୍, ବ୍ରିଟିଶ ଗାୟନା, ୱେଷ୍ଟ ଇଣ୍ଡିଜ୍, କାନାଡା, ନ୍ୟୁୟର୍କ, ନିଉ ଜାର୍ସି, ଚିକାଗୋ, ଲଣ୍ଡନ, ଢାକା, ବାଜିତପୁର, ମାଦାରୀପୁର (ବାଙ୍ଗଲାଦେଶ), କାଠମାଣ୍ଡୁ (ନେପାଳ), ଫିଜି ଇତ୍ୟାଦି ।

**ଦାତବ୍ୟ ଚିକିତ୍ସାଳୟ ସମୂହ :-** କୋଲକାତା, ବୃନ୍ଦାବନ, ପୁରୀ, ନବଦ୍ୱୀପ, ଗୟା, କାଶୀ, ପ୍ରୟାଗ, ଡାୟମଣ୍ଡ ହାରବର୍, ରାମେଶ୍ୱରମ୍, କନ୍ୟାକୁମାରୀ, ଗଡିଆ ଓ ସୁରାଟ ପ୍ରଭୃତି ୨୯ଟି କେନ୍ଦ୍ର, କୁଷ୍ଠ ନିରାକରଣାର୍ଥେ ପ୍ରାୟ ୪୫ଟି ଚିକିତ୍ସା ଓ ୩ଟି ସ୍ୱାସ୍ଥ୍ୟ କେନ୍ଦ୍ର ।

# ଭାରତ ସେବାଶ୍ରମ ସଂଘ

ପ୍ରଧାନ କାର୍ଯ୍ୟାଳୟ :- ୨୧୧, ରାସବିହାରୀ ଏଭିନିଉ, ବାଲିଗଞ୍ଜ, କୋଲକାତା - ୭୦୦ ୦୧୯
(୦୩୩) ୨୪୪୦-୫୧୭୮, ୨୩୨୭, ୫୫୧୯୯୨୩୦ (ଫ୍ୟାକ୍ସ ୨୪୪୦-୨୩୨୬)

## ସଂଘ ଶାଖା ସମୂହ

(୧) ସ୍ୱର୍ଗଦ୍ୱାର, ପୁରୀ - ୭୫୨୦୦୧, ଓଡ଼ିଶା, ଫୋନ୍ : ୦୬୭୫୨-୨୨୩୨୨୭

(୨) ସ୍ୱରାଜ୍ୟପୁରୀ ରୋଡ, ଗୟା - ୮୨୩୦୦୧, ବିହାର, ୦୬୩୧-୨୨୨୦୫୭୯, ୨୪୨୩୬୬୩, ରେଲଷ୍ଟେସନ - ୨୪୨୦୯୨୯

(୩) ବିଦ୍ୟାପୀଠ ରୋଡ, ସିଗରା, ବାରଣାସୀ - ୧୦, ଫୋନ୍ : ୦୫୪୨-୨୨୨୦୭୪୬, ୨୨୨୧୬୩୯

(୪) ୯୩, ତୁଲାରାମ ବାଗ, ପ୍ରୟାଗରାଜ - ୬, (ୟୁ.ପି.), ଫୋନ୍ : ୦୫୩୨-୨୫୦୦୮୯୭

(୫) ବୃନ୍ଦାବନ - ୨୮୧୧୨୧, ଜିଲ୍ଲା - ମଥୁରା (ୟୁ.ପି.), ଫୋନ୍ : ୦୫୬୫-୨୪୪୩୩୨୪

(୬) ଶ୍ରୀନିବାସପୁରୀ, ନିଉଦିଲ୍ଲୀ - ୬୫, ୦୧୧-୨୬୮୪୮୧୮୧, ୨୬୮୩୯୭୫୭, ଫ୍ୟାକ୍ସ - ୨୬୩୧୫୬୬,

(୭) କୁରୁକ୍ଷେତ୍ର - ୧୩୨୧୧୮ (ହରିଆନା), ଫୋନ୍ : ୦୧୭୪୪-୨୨୦୪୪୫

(୮) ଦେଓପୁରା, ହରିଦ୍ୱାର - ୨୪୯୪୦୧, ପୋଷ୍ଟ ବକ୍ସ ନଂ- ୨୩, ୦୧୩୩୪-୨୨୬୩୬୩, ୨୨୩୪୫୬, ୨୨୩୪୫୭

(୯) କେଦାରନାଥ - ୨୪୬୪୪୫, ଜିଲ୍ଲା - ରୁଦ୍ରପୟାଗ (ଉ. ଖ.), ୦୧୩୬୪-୨୬୩୨୧୩

(୧୦) ଗୌରୀକୁଣ୍ଡ - ୨୪୬୪୭୬, ଜିଲ୍ଲା - ରୁଦ୍ରପୟାଗ (ଉ. ଖ.), ୦୧୩୬୪-୨୬୯୨୦୬

(୧୧) ବଦ୍ରିନାଥ - ୨୪୬୪୨୨, ଜିଲ୍ଲା - ଚାମୋଲି (ଉ. ଖ.), ୦୧୩୮୧-୨୨୨୨୪୨, ୨୨୨୩୪୫

(୧୨) ଉଖିମଠ, ଜିଲ୍ଲା - ଚାମୋଲି (ଉ. ଖ.), ଫୋନ୍ : ୦୧୩୬୪-୨୬୪୨୭୪

(୧୩) ଭାରତ ସେବାଶ୍ରମ ମାର୍ଗ, ହାଇଦ୍ରାବାଦ - ୫୦୦ ୦୮୦, ତେଲେଙ୍ଗନା ୦୪ ୦-୨୭୬୧୨୨୮୪

(୧୫) ଏନିବେଶନ୍ତ ରୋଡ, ସୁରାଟ, ଗୁଜୁରାଟ, ଫୋନ୍ : ୦୨୬୧-୨୪୨୮୩୭୨

(୧୪) ନବରଙ୍ଗପୁରା, ଅହମଦବାଦ- ୯, ଗୁଜୁରାଟ, ଫୋନ୍ : ୦୭୯-୬୫୮-୦୩୬୭, ୮୦୩୬୮

(୧୬) କାତାରଗାମ, ସୁରାଟ - ୩୯୫୦୦୪, ଗୁଜୁରାଟ ଆଶ୍ରମ, ଫୋନ୍ : ୦୨୬୧-୨୪୮୦୦୧୬

(୧୭) ଷ୍ଟେସନ୍ ରୋଡ, ଦ୍ୱାରକା, ଗୁଜୁରାଟ, ଫୋନ୍ : ୦୨୮୯୨-୨୩୪୧୫୨

(୧୮) କାଙ୍କୁପିଲ୍ଲାଇୟାର କୋଏଲ ରୋଡ, ରାମେଶ୍ୱରମ୍ - ୬୨୩୫୨୬, ଫୋନ୍ : ୦୪୫୭୩-୨୨୧୨୧୫

(୧୯) ଅଞ୍ଜୁକୁଞ୍ଜୁ ଭିଲ୍ଲାଇ ରୋଡ, କନ୍ୟାକୁମାରୀ - ୬୨୯୬୦୨, ଫୋନ୍ : ୦୪୬୫୨-୨୪୬୧୬୪

(୨୦) କେଶବ ପୁରମ, ମିଞ୍ଜୁର, ଚେନ୍ନାଇ - ୬୦୧୨୦୩, ଫୋନ୍ : ୦୪୧୧୯-୨୦୦୩୧୨

(୨୧) ବାଶିଗାଁ, ବାଶି, ନବୀ ମୁମ୍ବାଇ - ୪୦୦୭୦୩, ଫୋନ୍ : ୦୨୨-୨୭୮୧-୧୩୨୭, ୧୨୯୬

(୨୨) ରିଭର୍ସମିଟ୍ ରୋଡ଼, ସୋନାରି ପଶ୍ଚିମ, ଜାମସେଦପୁର - ୧୧, ଫୋନ୍ : ୯ ୦୬୫୭-୨୩୦୨୩୭୧

(୨୩) ସୁଭାଷ ପଲ୍ଲୀ, ଶିଲିଗୁଡି - ୭୩୪୪୦୧, ଜିଲ୍ଲା - ଦାର୍ଜିଲିଂ, ଫୋନ୍ : ୦୩୫୩-୨୪୩୬୨୩୨

(୨୪) ପ୍ରଣବାନନ୍ଦ ପଲ୍ଲୀ, ବାଙ୍କୁଡ଼ା - ୭୨୨୧୦୧, ଫୋନ୍ : ୦୩୨୪୨-୨୫୦୭୪୪
(୨୫) ନେତାଜୀ ସୁଭାଷ ରୋଡ଼, ନବଦ୍ୱୀପ, ନଦୀୟା - ୭୪୧୩୦୨, ଫୋନ୍ : ୦୩୪୭୨-୨୪୦୨୨୭
(୨୬) ଡାୟମଣ୍ଡ ହାରବାର - ୭୪୩ ୩୩୧, ଦକ୍ଷିଣ ୨୪ ପରଗଣା, ଫୋନ୍ : ୦୩୧୭୪-୨୫୫୨୬୯
(୨୭) ସାହାପୁର, ମାଲଦା, (ଉତ୍ତର ବଙ୍ଗ), ଫୋନ୍ : ୦୩୫ ୧୨-୨୬୦୪୫୯
(୨୮) କଲୋନେଲ ଗୋଲା, ମେଦିନୀପୁର, ଫୋନ୍ : ୦୩୨୨୨-୨୬୩୩୬୪
(୨୯) ବଡ଼ାଜୁଡ଼ୀ , ଘାଟଶିଲା, ଝାଡ଼ଖଣ୍ଡ, ଫୋନ୍ : ୦୬୫୮୫-୨୮୧୦୧୨
(୩) ରାଣୀବାଁଧ, ବାଁକୁଡା, ଫୋନ୍ : ୦୩୨୪୩-୨୫୦୨୩୨
(୩୧) ସିଉଡ଼ି, ବୀରଭୂମ, ଫୋନ୍ : ୦୩୪୬୨-୨୫୫୪୮୧.
(୩୫) ତାରାପୀଠ, ବୀରଭୂମ୍, ଫୋନ୍ : ୦୩୪୬୧-୨୫୩୨୨୭
(୩୩) ଛୋଟ ନୀଳପୁର, ବର୍ଦ୍ଧମାନ, ଫୋନ୍ : ୦୩୪୨-୨୬୪୬୨୮୯
(୩୪) ଲାଖରା ରୋଡ, ଗୌହାଟି - ୭୮୧୦୮୧, ଫୋନ୍ : ୦୩୬୧-୨୪୭୧୩୨୯
(୩୫) ଚୈତନ୍ୟ ଏଭିନିଉ, ଦୁର୍ଗାପୁର, ପଶ୍ଚିମ ବର୍ଦ୍ଧମାନ, ଫୋନ୍ : ୦୩୪୩-୨୫୬୨୧୨୧, ୨୫୬୩୩୩୩
(୩୬) ଗଙ୍ଗାସାଗର - ୭୩୪୬୦୬, ଜିଲ୍ଲା - ୨୪ ପରଗଣା (ଦକ୍ଷିଣ), ଫୋନ୍ : ୦୩୨୧୦-୨୪୦୨୦୫
(୩୭) ଲଣ୍ଡନ ସେବାଶ୍ରମ ସଂଘ, ୯୯-ଏ, ଡେଭେନ୍ପୋର୍ଟ ରୋଡ, ସେଫର୍ଡବୁଶ, ଲଣ୍ଡନ, ଡବ୍ଲ୍ୟୁ-୧୨, ୮ପି.ବି.
(୩୮) ଗାୟନା ସେବାଶ୍ରମ ସଂଘ, କୋଭ ଏଣ୍ଡ ଜନ୍, ଇଷ୍ଟକୋଷ୍ଟ ଡେମ, ଗାୟନା (ଦକ୍ଷିଣ ଆମେରିକା), ଫୋନ୍ : ୦୧୧-୫୯୨-୨୯୭୨୧
(୩୯) ୩୨, ନୋଲାନ୍ ଷ୍ଟ୍ରୀଟ୍, ଫେଲିସିଟି, ଚାଗୁନାସ, ତ୍ରିନିଦାଦ, ୱେଷ୍ଟ ଇଣ୍ଡିଜ୍, ଫୋନ୍ : ୦୧୧-୫୯୨-୨୨୯ ୨୭୨୧
(୪୦) ୨୧୦୭, ଆଲିବିୟନ ରୋଡ, ଆର ଆର - ୧, ରେକ୍ସାଲ୍, ଟରଣ୍ଟୋ, AgW5K7, କାନାଡା, ୪୧୬ ୭୯୮-୦୪୭୯,
(୪୧) ଆମେରିକା ସେବାଶ୍ରମ ସଂଘ Inc., ୧୫୩-୧୪ ରୁ ୧୫୩-୨୦, ୯୦ତମ ଏଭିନିଉ, ଜାମାଇକା କୁଇନସ୍, ନ୍ୟୁୟର୍କ - ୧୧୪୩୨, ଫୋନ୍ : ୭୨୮-୫୨୩-୭୫୧୫
(୪୨) ୬୨୨୪-ଏନ୍, କାଲିଫର୍ଣ୍ଣିୟା ଏଭିନିଉ, ଚିକାଗୋ, ILL - ୬୦୫୫୯, ୟୁ.ଏସ୍.ଏ., ଫୋନ୍ : ୭୭୩-୭୬୧-୯୩୩୬
(୪୩) 31W107 ରୋହର୍ସିନ୍ ରୋଡ଼, ଏଲଜିନ୍, IL - ୬୦୧୨୦, ୟୁ.ଏସ୍.ଏ., ଫୋନ୍ : ୮୪୭-୭୬୦-୬୦୫୯
(୪୪) ଭାରତ ସେବାଶ୍ରମ ସଂଘ, ଉତ୍ତର ଆମେରିକା, ୩୪୯୦ ରୋଡ, ୨୭, କେଣ୍ଡାଲ ପାର୍କ, ଏନ୍. ଜେ. - ୦୮୮୨୪, ଫୋନ୍ : ୭୩୨-୪୨୨-୮୮୮୦
(୪୫) ମାଦାରିପୁର, ଖୁଲନା, ଆଶାସୁନୀ, ନଓଗାଁ, ଢାକା (ବାଙ୍ଗଲାଦେଶ), ବାଜିତପୁର, ଫୋନ୍ : ୯୫୩୨୫-୨୮୨୭୦୦
(୪୬) ପ୍ରଣବାନନ୍ଦ ଆଶ୍ରମ, କୁମାରୀଗଲ, କାଠମାଣ୍ଡୁ, ନେପାଳ, ଫୋନ୍ : ୦୦୯୬୭୧-୪୪୬୮୦୭୬
(୪୭) ଫିଜି ସେବାଶ୍ରମ ସଂଘ, ୬ ବାଉ, ଷ୍ଟେସନ ସୁଭା, ଫିଜି, ଫୋନ୍ : ୬୫୯ ୩୩୧୭୬୨୫, ଫ୍ୟାକ୍ସ - ୩୩୦୨୨୧୦

# ସଂଘ ପ୍ରକାଶିତ ପୁସ୍ତକାବଳୀ

- ଯୁଗାଚାର୍ଯ୍ୟ ଜୀବନ ଚରିତ
- ଶ୍ରୀ ଶ୍ରୀ ସଂଘଗୀତା (ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଲିଖିତ ଉପଦେଶାମୃତ)
- ପିଲାଙ୍କ ପ୍ରଣବାନନ୍ଦ
- ହିନ୍ଦୁତ୍ୱମ୍
- ଗାର୍ହସ୍ଥ୍ୟମ୍
- ମନୀଷୀମାନଙ୍କ ଦୃଷ୍ଟିରେ ଆଚାର୍ଯ୍ୟ ସ୍ୱାମୀ ପ୍ରଣବାନନ୍ଦ
- ଗୁରୁମୁଖୀ ରାମାୟଣ
- ଗୁରୁମୁଖୀ ମହାଭାରତ
- ଶ୍ରୀ ଶ୍ରୀ ସଂଘବାଣୀ
- ଶ୍ରୀ ଶ୍ରୀ ଗୁରୁଗୀତା
- ଆଦର୍ଶ ବିଦ୍ୟାର୍ଥୀ
- ଶିଶୁ ରାମାୟଣ
- ଶିଶୁ ମହାଭାରତ
- ଜୀବନ ସାଧନାର ପଥେ
- ହିନ୍ଦୁଧର୍ମର ସାରତତ୍ତ୍ୱ
- ଶ୍ରୀଶ୍ରୀ ଗୟାମାହାତ୍ମ୍ୟ ଓ ଗୟାକୃତ୍ୟ
- ଶ୍ରୀଶ୍ରୀ ପ୍ରୟାଗମାହାତ୍ମ୍ୟ ଓ ପ୍ରୟାଗକୃତ୍ୟ
- ଶ୍ରୀଶ୍ରୀ ପ୍ରଣବାନନ୍ଦ ବାଣୀ ଓ ଉପଦେଶ
- ଶ୍ରୀଶ୍ରୀସଦଗୁରୁ
- ଶ୍ରୀଶ୍ରୀଜଗଦଗୁରୁ
- Prophet of the Age
- Ten Divine Messages
- Divine Life Builder
- Re-organisation of India
- Reflections on Hinduism
- The Sangha Gita
- Hindu Gods & Goddesses
- Illustrated Life Sketch of Swami Pranavananda
- Essence of Hinduism

## ଆବେଦନ

ସଂଘ ହିତୈଷୀ ବନ୍ଧୁ ପୃଷ୍ଠପୋଷକଗଣ, ଦାନଶୀଳ ଧନୀ ବ୍ୟକ୍ତିଗଣ ଏବଂ ସହୃଦୟ ଜନସାଧାରଣଙ୍କ ଅକୁଣ୍ଠ ସହାୟତାରେ ଓ ସ୍ୱେଚ୍ଛା ପ୍ରଦତ୍ତ ଦାନ ଉପରେ ନିର୍ଭର କରି ସଂଘ ଉପରୋକ୍ତ କାର୍ଯ୍ୟାବଳୀ ପରିଚାଳନା କରିଆସୁଅଛି । ଉକ୍ତ କାର୍ଯ୍ୟାବଳୀ ପରିଚାଳନା ପାଇଁ ଆମ୍ଭେମାନେ ଦେଶ ହିତୈଷୀ ମହାପ୍ରାଣ ବ୍ୟକ୍ତି ଏବଂ ଦାନଶୀଳ ଜନସାଧାରଣଙ୍କୁ ମୁକ୍ତ ହସ୍ତରେ ଅର୍ଥ ସାହାଯ୍ୟ ଲାଗି ଆବେଦନ ଜଣାଉଛୁ ।

(୧) ମାସିକ ଚାନ୍ଦା (୨) ବାର୍ଷିକ ଚାନ୍ଦା (୩) ଏକକାଳୀନ ଦାନ (୪) ପୂଜନୀୟ ପ୍ରିୟଜନମାନଙ୍କର ସ୍ମୃତିରକ୍ଷା ପାଇଁ ଦାନ (୫) ବିବାହ, ଉପନୟନ, ଅନ୍ନପ୍ରାଶନାଦି ସାମାଜିକ ସୁକ୍ରିୟା କର୍ମ ଉପଲକ୍ଷେ ଦାନ (୬) ସ୍ଥାବର-ଅସ୍ଥାବର ସମ୍ପତ୍ତି ଦାନ ପ୍ରଭୃତି ନାନା ଭାବରେ ସଂଘକୁ ଆର୍ଥିକ ସାହାଯ୍ୟ କରନ୍ତୁ ।

*- ସ୍ୱାମୀ ବିଶ୍ୱାତ୍ମାନନ୍ଦ, ପ୍ରଧାନ ସଂପାଦକ*




ଭାରତ ସେବାଶ୍ରମ
ସଂଘର୍ ଶତବାର୍ଷିକ
ସମ୍ମେଳନୀରେ
ମଞ୍ଚାସୀନ ଭୂମିପୁତ୍ର
ଉପାଧିରେ ସମ୍ମାନୀତ
ଅତିଥିବୃନ୍ଦଙ୍କ ସହିତ
ସଂଘର୍ ସମ୍ପାଦକ ...




ଭାରତ ସେବାଶ୍ରମ
ସଂଘର୍ ଶତବାର୍ଷିକ
ସମ୍ମେଳନୀରେ
ସନ୍ନ୍ୟାସୀବୃନ୍ଦଙ୍କ ସହିତ
ପୂର୍ବତନ ବାଚସ୍ପତି
ଶ୍ରୀଯୁକ୍ତ ମହେଶ୍ୱର
ମହାନ୍ତି ...



ଭାରତ ସେବାଶ୍ରମ
ସଂଘର ଶତବାର୍ଷିକ
ସମ୍ମେଳନୀରେ ଉପସ୍ଥିତ
ଅତିଥି ତଥା ଦର୍ଶକ ବୃନ୍ଦ



ଭାରତ ସେବାଶ୍ରମ ସଂଘ
ତରଫରୁ କନକ ଟିଭିର
ପୁରୀ ପ୍ରତିନିଧି ଶ୍ରୀଯୁକ୍ତ
ସୀମାଞ୍ଚଳ ପାଢ଼ୀଙ୍କୁ
ସମ୍ମାନୀତ



ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ଉପଲକ୍ଷେ
ପୁରୀ ଶାଖା ତରଫରୁ
ଓଡ଼ିଶୀ ନୃତ୍ୟ ଶିଳ୍ପୀ
ଶ୍ରୀଯୁକ୍ତ ନାରାୟଣ
ପାଣ୍ଡେଙ୍କୁ ସମ୍ମାନୀତ

ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ଉପଲକ୍ଷେ
ପୁରୀ ଶାଖା ତରଫରୁ
ସ୍ୱାମୀ ବିଶ୍ୱପ୍ରେମାନନ୍ଦଙ୍କୁ
ସ୍ମାରକୀ ଉପହାର ପ୍ରଦାନ





ଭାରତ ସେବାଶ୍ରମ ସଂଘର୍
ଶତବାର୍ଷିକ ଉପଲକ୍ଷେ
ପୁରୀ ଶାଖା ତରଫରୁ
ଶ୍ରୀଯୁକ୍ତ ରାମଚନ୍ଦ୍ର
ଦାସମହାପାତ୍ରଙ୍କୁ
ସମ୍ମାନୀତ



ଭାରତ ସେବାଶ୍ରମ ସଂଘ ତରଫରୁ ରଥଯାତ୍ରାରେ ସେବାକାର୍ଯ୍ୟ






ମାନ୍ୟବର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ନୂଆ ଦିଲ୍ଲୀ ଠାରେ ପ୍ରଣବ ଇଣ୍ଟରନ୍ୟାସନାଲ ସ୍କୁଲ ଉଦ୍‌ଘାଟନ



ଭାରତ ସେବାଶ୍ରମ ସଂଘ, ପୁରୀ ଶାଖାର ବାର୍ଷିକ ସମ୍ମିଳନୀ



ଗଜପତି
ମହାରାଜା
ଶ୍ରୀଶ୍ରୀ
ଦିବ୍ୟସିଂହ
ଦେବଙ୍କ ଦ୍ୱାରା
ସଂଘ
ସମ୍ମିଳନୀରେ
ଆଶୀର୍ବଚନ
ପ୍ରଦାନ

ଭାରତ
ସେବାଶ୍ରମ
ସଂଘ ତରଫରୁ
ସ୍ୱେଚ୍ଛାସେବୀ
ସେବକଙ୍କ
ଦ୍ୱାରା
ରଥଯାତ୍ରାରେ
ସେବାକାର୍ଯ୍ୟ





ଜାଗରଯାତ୍ରା
ଉପଲକ୍ଷେ
ଭାରତ
ସେବାଶ୍ରମ
ସଂଘ ତରଫରୁ
ସେବା
କାର୍ଯ୍ୟରେ
ପ୍ରଦୀପ
ପ୍ରଜ୍ୱଳନ

ଭାରତ
ସେବାଶ୍ରମ
ସଂଘ ତରଫରୁ
ବ୍ରହ୍ମଗିରିରେ
ବନ୍ୟା
ବିପନ୍ନମାନଙ୍କୁ
ଔଷଧ ଓ
ସହାୟତା
ପ୍ରଦାନ

